୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.141 Bhubaneswar Tuesday July 09 2024 | ୨୬ତମ ବର୍ଷ ସଂଖ୍ୟା-୧୪୧ ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୦୯, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

## ଶରଧାବାଲିରେ ପହଞ୍ଚିଲା ତିନି ରଥ

ପୁରୀ,୮ ।୭(ପି.ଏନ): ଦୁଇଦିନର ଯାତ୍ରା ପରେ ଶେଷରେ ଜନ୍ମସ୍ଥାନରେ ପହଞ୍ଚିଛନ୍ତି ଚ଼ତୁର୍ଦ୍ଧା ମୂରତି । ବଡଦାଣ୍ଡର ଜନସମୁଦ୍ର ଭିତର ଦେଇ ଅତି ପ୍ରତିକ୍ଷିତ ଶରଧାବାଲିରେ ପହଞ୍ଚିଛି ତିନି ଠାକୁରଙ୍କ ତିନି ରଥ । ତେଣୁ ଜନ୍ମସ୍ଥାନରେ ଏବେ ଭିନ୍ନ ମାହୋଲ । ହୁଳହୁଳି ସାଙ୍ଗକୁ ଜୟ ଜଗନ୍ନାଥ, ହରିବୋଲି ଧ୍ୱନୀରେ କମ୍ପୁଛି ମହାପ୍ରଭୁଙ୍କ ଜନ୍ମସ୍ଥାନ ।ଏହିଠାରୁ ଜନ୍ମବେଦୀକୁ ପହଣ୍ଡି କରି ଯିବେ ତିନି ଠାକୁର । ସେଠାରେ ନଅ ଦିନ ରହି ଗୁଣ୍ଡିଚ଼ା ରାଣୀଙ୍କ ଶ୍ରଦ୍ଧା ଗ୍ରହଣ କରି ମାନବୀୟ ଲୀଳା କରିବେ । ପୁଣି ୯ ଦିନ ପରେ ଫେରିଯିବେ ନିଜ କର୍ମସ୍ଥାନ ଶ୍ରୀମନ୍ଦିରକୁ । ଆଜି ସିନା ଗୁଣ୍ଡିଚ଼ା ମନ୍ଦିର ଖୁସିରେ ଉଛୁଳୁଛି କିନ୍ତୁ ପ୍ରାଣପ୍ରିୟ ମହାପ୍ରଭୁଙ୍କୁ ଛାଡି ଶ୍ରୀମନ୍ଦିର କିନ୍ତୁ ସନ୍ତାପି ହେଉଛି ।



### ନାବାଳିକାଙ୍କୁ ଦୁର୍ବ୍ୟବହାର ଅଭିଯୋଗ, ଥାନାରେ ମାମଲା

ଧର୍ମଶାଳା,୮।୭(ପିଏନ୍): ଧର୍ମଶାଳା ଥାନା ଅ'ର୍ଗତ କୁମାରୀ ପଂଚାୟତ ଅଂଚଳର ଜଣେ ୧୦ମ ଶ୍ରେଣୀ ନାବାଳିକା ଛାତ୍ରୀଙ୍କୁ ଏହି ଥାନା ଚହଟା ଗ୍ରାମର ଜଣେ ଯୁବକ ନିର୍ଯ୍ୟତନା ଦେଉଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ସୂଚନା ମୁତାବକ ଚହଟା ଗ୍ରାମର ସ୍ୱର୍ଗତ ରାମଚନ୍ଦ୍ର ସ୍ୱାଇଁଙ୍କ ପୁଅ ତାପସ ସ୍ୱାଇଁ ନାବାଳିକାଙ୍କୁ ବାଟରେ ହାବୁଡି ହାଇରାଣ ହରକତ କରିବା ସହ ତାକୁ ମାଡ ମାରିଥିବା ଅଭିଯୋଗ ହୋଇଛି । ବିଭିନ୍ନ ଛକ ବଜାରରେ ଯୁବକ ଜଣକ ନାବାଳିକାର ପିଛା କରି ତାକୁ ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦେଉଥିବା ନେଇ ତାଙ୍କ ମାଆ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏନେଇ ପୁଲିସ ୫୧୧/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦ' କରୁଥିବା ବେଳେ ଅଭିଯୁକ୍ତ ଜଣକ ଫେରାର ଥିବା ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି । ତେବେ ଗତ ଜୁନ ମାସ ୨୩ତାରିଖରେ ଅଭିଯୋଗ ହୋଇଥିଲେ ହେଁ, ପୁଲିସ ଅଭିଯୁକ୍ତ ବିରୁଦ୍ଧରେ କୌଣସୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିରୁ ନାବାଳିକାର ମାଆ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଓ ଯାଜପୁର ଏସପିଙ୍କୁ ଭେଟି ଏସମ୍ପର୍କରେ ଅବଗତ କରିଥିବା କହିଛନ୍ତି ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୮ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ ।

-ପ୍ରକାଶକ

## ନବୀନ ଦେଲେ ଇସାରା: ପାଣ୍ଡିଆନ ହିଁ ବିଜେଡିର ସର୍ବେସର୍ବା, ବଢ଼ିଲାଣି ଅସନ୍ତୋଷ

ଭୁବନେଶ୍ୱର,୮ ।୭(ପି.ଏନ): ସକ୍ରିୟ ରାଜନୀତିରୁ ସନ୍ୟାସ ଘୋଷଣା କରିଥିବା ଭିକେ ପାଣ୍ଡିଆନ ହିଁ ବିଜେଡିର ସର୍ବେସର୍ବା । ନିର୍ବାଚ଼ନରେ ଦଳର ବିପର୍ଯ୍ୟୟର ପ୍ରାୟ ମାସକ ପରେ ସଂଗଠନକୁ କ୍ରିୟାଶୀଳ କରିବା ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଘୋଷଣା କରିଥିବା ମିଡିଆ ଟିମ୍ ହିଁ ଏଭଳି ସଙ୍କେତ ଦେଇଛି । ବିଜେଡି ବିପର୍ଯ୍ୟୟର ସମୀକ୍ଷା ନକରି ରାଜ୍ୟସ୍ତରୀୟ ସବୁ ସାଂଗଠନିକ କମିଟିକୁ ଭାଙ୍ଗିଦେବା ସହ ଯେଭଳି ଢଙ୍ଗରେ ମିଡିଆ ଟିମ୍ ଗଢ଼ାଯାଇଛି ସେଥିରେ ନବୀନଙ୍କ ଉପରେ ପାଣ୍ଡିଆନ ସିଣ୍ଡ୍ରୋମ ଜଳଜଳ ହୋଇ ପ୍ରତିଫଳିତ ହେଉଛି । ଆଉ ପାଣ୍ଡିଆନ ହିଁ ବିଜେଡିର ସର୍ବେସର୍ବା ବୋଲି ସନ୍ଦେଶ ମିଳିଛି । ପାଣ୍ଡିଆନ ଓ ତାଙ୍କ ଟିମର ପ୍ରଭାବ ଏବେବି ବଳବତ୍ତର ରହିଥିବାରୁ ଦଳୀୟ କର୍ମୀ-ନେତାମାନଙ୍କ ଭିତରେ ଚ଼ାପି ହୋଇ ରହିଥିବା ଅସନ୍ତୋଷ ଧୀରେଧୀରେ ଉଗ୍ର ରୂପ ନେବାକୁ ଯାଉଛି ବୋଲି ବିଜେଡି ମହଲରେ ଚ଼ର୍ଚ୍ଚା ।ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଗତକାଲି ଦଳର ମିଡିଆ ଟିମ୍ ପୁର୍ନଗଠନ କରିବା ସହ ସମସ୍ତ ରାଜ୍ୟସ୍ତରୀୟ ସାଂଗଠନିକ କମିଟିକୁ ଭାଙ୍ଗି ଦେଇଛନ୍ତି । ଯଦିଓ ୧୯ଜଣିଆ ମୁଖପାତ୍ର ଟିମରେ ଦଳର ଅଭିଜ୍ଞ ଓ ପୁରୁଖା ନେତାମାନଙ୍କୁ ସ୍ଥାନ ମିଳିଛି, କିନ୍ତୁ ନବୀନ ନିଜର ରାଜନୀତିକ ସଚ଼ିବ ଭାବେ ସନ୍ତୃପ୍ତ



ମିଶ୍ରଙ୍କୁ ନିଯୁକ୍ତି ଦେଇ ପାଣ୍ଡିଆନଙ୍କ ହାତରେ ବିଜେଡିର ଲଗାମ ରଖିବାକୁ ସୁଯୋଗ ସୃଷ୍ଟି କରିଥିବା ଦଳୀୟ ମହଲରେ ଚ଼ର୍ଚ୍ଚା ହେଉଛି । ଏହାସହିତ ଦଳର ଆଇଟି ୱିଙ୍ଗ୍ ଓ ମିଡିଆ ସଂଯୋଜକ ଟିମରେ ନବୀନ ସରକାରରେ ସୁପରସିଏମ୍ ବୋଲାଉଥିବା ଆଇପିଏସ୍ ଡିଏସ କୁଟ୍ଟେଙ୍କ ଅନୁଗତମାନଙ୍କୁ ଥଇଥାନ ଏବଂ ମୁଖପାତ୍ର ଟିମରେ ବିବାଦୀୟ ସଂଗଠନ ସମ୍ପାଦକ ପ୍ରଣବପ୍ରକାଶ ଦାସ(ବବି)ଙ୍କ ଅନୁଗତଙ୍କୁ ଥଇଥାନ କରାଯାଇଥିବା ଜଣାପଡିଛି । ପାଣ୍ଡିଆନ ସିଣ୍ଡ୍ରୋମରୁ ବିଜେଡି ମୁକୁଳିବାର ସମ୍ଭାବନା ନାହିଁ ବୋଲି ସନ୍ଦେଶ ଦେବାକୁ ପ୍ରୟାସ କରାଯିବା ସହ କୁଟ୍ଟେ-ବବିଙ୍କ ଅନୁଗତଙ୍କୁ ଥଇଥାନ କରି ବିଜେଡି ସୁପ୍ରିମୋ ନିଜର ଅସହାୟତାକୁ ମଧ୍ୟ ସାଧାରଣରେ ପ୍ରକଟ କରିଛନ୍ତି ବୋଲି ଦଳୀୟ ମହଲରେ ଚ଼ର୍ଚ୍ଚା ହେଉଛି । କୁଟ୍ଟେଙ୍କ ଖାସ୍ ମାନସ ମଙ୍ଗରାଜଙ୍କୁ ମିଡିଆ ଟିମରୁ ବାଦ୍ ଦେଇଥିବା ବିଜେଡି ତାଙ୍କଠୁ ଦଳ ପ୍ରାୟୋଜିତ ଟିଭି ଓ ଖବରକାଗଜର ପରିଚ଼ାଳନାକୁ କାଢ଼ିବାରେ ସକ୍ଷମ ହୋଇନି । କୁଟ୍ଟେଙ୍କ ପ୍ରଭାବ ଯୋଗୁ ମାନସ ବିଜେଡି ପ୍ରାୟୋଜିତ ଟିଭି-ଖବରକାଗଜର ଅଘୋଷିତ ମାଲିକ ସାଜିଛନ୍ତି ବୋଲି ଜଣାପଡିଛି ।ଗୋଟିଏପଟେ ବିଜେଡି ରାଜ୍ୟସ୍ତରୀୟ ସମସ୍ତ ସାଂଗଠନିକ କମିଟିକୁ ଭାଙ୍ଗି ଦେଇଥିଲେ ମଧ୍ୟ ବବି ଏବେବି ବିଜେଡି ସଂଗଠନ ସମ୍ପାଦକ ଭାବେ କାର୍ଯ୍ୟ କରୁଥିବା ଜଣାପଡିଛି । ବବି ନିଜର ଭେରିଫାଏଡ୍ 'ଏକ୍ସ'ରେ ସଂଗଠନ ସମ୍ପାଦକ ଥିବା ଦର୍ଶାଇଛନ୍ତି । ସେହିପରି ମମିତା ମେହେର ଓ ମାହାଙ୍ଗା ଡବଲ ମର୍ଡର ହତ୍ୟା ମାମଲାର ଅଭିଯୁକ୍ତଙ୍କୁ ଦଳର ମିଡିଆ ଟିମରେ ସାମିଲ କରିବାକୁ ନବୀନ କାହିଁକି ବାଧ ହେଲେ ତାହା ଦଳୀୟ ନେତା ଓ କର୍ମୀମାନଙ୍କୁ ଆଶ୍ଚର୍ଯ୍ୟ କରିଛି । ଦଳର ବୃହତ୍ ଗୋଷ୍ଠୀ ଏବେ ଆଉ ପାଣ୍ଡିଆନ କିମ୍ବା ତାଙ୍କ ଟିମକୁ ହଜମ କରିବାକୁ ଚ଼ାହୁଁନଥିବାରୁ ଏହି ଅସନ୍ତୋଷ ଉଗ୍ର ରୂପ ନେବାର ଆଶଙ୍କା ଦେଖାଦେଇଛି ।

## ଚାଷୀଙ୍କୁ ଧାନ ବିହନ ବାଂଟିଲେ ବିଧାୟକ

ଧର୍ମଶାଳା,୮।୭(ପିଏନ୍): ଧର୍ମଶାଳା ବ୍ଲକ ସୁନ୍ଦୁରିଆ ପଂଚାୟତରେ ଚାଷୀମାନଙ୍କୁ ଧାନ ବିହନ ବଂଟନ କରାଯାଇଛି । ଧର୍ମଶାଳା ଗୋଷ୍ଠି କୃଷି ଅଧିକାରୀ ତୁଷାରକା' ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିହନ ବଂଟନ କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖହର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାଷୀମାନଙ୍କୁ ଧାନ ବିହନ ବଂଟନ କରିଥିଲେ । ସରକାରଙ୍କ କୃଷକମାନଙ୍କ ପାଇଁ ରହିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅଲୋଚନା କରିବା ସହିତ ଏହି ଯୋଜନା ଗୁଡିକ କିଭଳି ତଳସ୍ତରରେ ଚାଷୀମାନଙ୍କ ପାଖରେ ପହଁଚି ପାରିବ ସେ ନେଇ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସୁନ୍ଦୁରିଆ ସରପଂଚ ନିର୍ମଳ ଦାସ , ସମିତିସଭ୍ୟ ନିତ୍ୟାନନ୍ଦ ବିଶ୍ୱାଳ, ପୂର୍ବତନ ସରପଂଚ ଜୀବନାନନ୍ଦ ପରିଡା, କୃଷି ଅଧିକାରୀ ଆଶିଷ କୁମାର ବେହେରା, କୃଷି ସହାୟକ କୃପାସିନ୍ଧୁ ମହାରଣା, ସୟ କୁମାର ସାମଲ ପ୍ରମୁଖ ପରିଚାଳନା କରିଥିଲେ ।

## ବଡ଼ଧରଣର ଆତଙ୍କବାଦୀ ହମଲା: ୪ ଯବାନ ସହିଦ



ଭୁବନେଶ୍ୱର,୮ ।୭(ପି.ଏନ): ଜମ୍ମୁ-କଶ୍ମୀରର କଠୁଆରେ ଆଜି ସେନା ଗାଡିକୁ ଟାର୍ଗେଟ କରି ହମଲା କରିଛନ୍ତି ଆତଙ୍କବାଦୀ । ଏଥିରେ ୪ ଜଣ ଯବାନ ସହିଦ ହୋଇଥିବା ବେଳେ ଅନ୍ୟ ୬ ଜଣ ଆହତ ହୋଇଛନ୍ତି । ସୋମବାର ଅପରାହ୍ନରେ କଠୁଆର ମାଛେଡି ଅଞ୍ଚଳରେ ଏପରି ଆକ୍ରମଣ ହୋଇଛି ।ମିଳିଥିବା ସୂଚ଼ନା ଅନୁସାରେ, ସେନା ଗାଡିରେ ଯବାନମାନେ ମାଛେଡି-କାଣ୍ଡଲି-ମଲହାର ରୋଡରେ ରୁଟିନ ପ୍ୟାଟ୍ରୋଲିଂ କରୁଥିଲେ । ଏହି ସମୟରେ ନିକଟସ୍ଥ ପାହାଡ ଉପରେ ରହି ଏକାଧିକ ଆତଙ୍କବାଦୀ ଗାଡି ଉପରକୁ ଗୁଳି ଓ ଗ୍ରେନେଡ ମାଡ କରିଥିଲେ ।

## ପୁରୀ ବେଳାଭୂମିରେ ପ୍ରାତଃ ଭ୍ରମଣ କଲେ ମହାମହିମ ରାଷ୍ଟ୍ରପତି: କହିଲେ ନିଜର ଅନୁଭୂତି

ପୁରୀ,୮ ।୭(ପି.ଏନ): ମହାମହିମ ରାଷ୍ଟ୍ରପତି ଦୌପଦୀ ମୁର୍ମୁ ଆଜି ସକାଳୁ ପୁରୀ ସମୁଦ୍ର କୂଳରେ ମର୍ଣ୍ଣିଂ ୱାକ୍ କରିଛନ୍ତି । ରାଷ୍ଟ୍ରପତି ପୁରୀ ବେଳାଭୂମିରେ କିଛିବାଟ ଚ଼ାଲାବୁଲା କରିଥିଲେ । ଏହାପରେ ସମୁଦ୍ର କୂଳରେ କିଛି ସମୟ ଅତିବାହିତ କଲାପରେ ସେ ପୁରୀ ରାଜଭବନକୁ ଫେରିଥିଲେ । ରାଷ୍ଟ୍ରପତିଙ୍କ ଭ୍ରମଣ ସମୟରେ କୌଣସି ପର୍ଯ୍ୟଟକଙ୍କୁ ସମୁଦ୍ର କୂଳ ଯିବାକୁ ଅନୁମତି ମିଳିନଥିଲା । ଏଥିସହ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା ।ରାଷ୍ଟ୍ରପତି ପୁରୀ ବେଳାଭୂମିରେ ପ୍ରାତଃ ଭ୍ରମଣ ପରେ କହିଛନ୍ତି ଯେ, ଜଗା ଦର୍ଶନ କରିବା ପରେ ମୋତେ ଅନେକ ଶାନ୍ତି ମିଳିଛି । ଆଜି ପୁଣି ସମୁଦ୍ର କୂଳରେ ଭ୍ରମଣ କରିବା ସମୟରେ ସୁଲୁସୁଲିଆ ପବନ ଏବଂ ସମୁଦ୍ରର ଗର୍ଜନରେ



ବହୁତ ଆନନ୍ଦିତ ହୋଇଛି । କିଛି ଏପରି ସ୍ଥାନ ରହିଛି ଯାହା ମାନସିକ ଶାନ୍ତି ସହ ଏକ ରୋମାଞ୍ଚକର ଆନନ୍ଦ ଦିଏ । ଯାହା ଆଜି ମୋତେ ସମୁଦ୍ର କୂଳରେ ପ୍ରାତଃ ଭ୍ରମଣ ସମୟରେ ମିଳିଛି ।ଖବର ଅନୁସାରେ , ମହାମହିମ ରାଷ୍ଟ୍ରପତି ଗତକାଲି ପୁରୀରେ ରଥାରୁଢ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ପରେ ପୁରୀରେ ପହଞ୍ଚି ରାଜଭବନକୁ ଯାଇଥିଲେ । ସେଠାରେ କିଛି ସମୟ ବିଶ୍ରାମ ପରେ ପୁଣି ବଡ ଦାଣ୍ଡରେ ରଥ ଦଉଡି ଛୁଇଁ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ରାଷ୍ଟ୍ରପତି ଗୌପଦି ମୁର୍ମୁଙ୍କ ସହ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ, ରାଜ୍ୟପାଳ ରଘୁବର ଦାସ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବାଚ଼ସ୍ପତି ଏବଂ ଦୁଇ ଉପମୁଖ୍ୟମନ୍ତ୍ରୀ ଉପସ୍ଥିତ ରହିଥିଲେ ।

## ରଥଟଣାବେଳେ ଲାଗିଗଲା ବିଦ୍ୟୁତ ତାର, ୬ ମୃତ

ବାଂଲାଦେଶ,୮ ।୭,( ପି.ଏନ) : ପଡୋଶୀ ବାଂଲାଦେଶରେ ରଥଟଣାବେଳେ ବଡଧରଣର ଅଘଟଣ । ଇସ୍କନ୍ ପକ୍ଷରୁ ଆୟୋଜିତ ରଥଯାତ୍ରାବେଳେ ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ୬ ଜଣଙ୍କ ପ୍ରାଣହାନୀ ହୋଇଥିବାବେଳେ ପ୍ରାୟ ୩୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି ।ସେଉଜଗରି ଜିଲ୍ଲା ବୋଗ୍ରାରେ ଗତକାଲି ଘଟିଛି ଏହି ଅଘଟଣ । ମିଳିଥିବା ସୂଚ଼ନା ଅନୁଯାୟୀ, ଗତକାଲି





ଅପରାହ୍ନରେ ପୁଲିସ ଲାଇନ ଶିବ ମନ୍ଦିରରେ ଥିବା ଗୁଣ୍ଡିଚ଼ା ଘରକୁ ରଥଟାଣି ଯାଉଥିଲେ ସମସ୍ତ ଶ୍ରଦ୍ଧାଳୁ । କିନ୍ତୁ, ଅଧବାଟରେ ରଥ ଉପରେ ଲାଗିଥିବା ଲୁହା ଗୁମୁଟ ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯାଇଥିଲା । ତା'ସହ ତାର ଛିଣ୍ଡି ଶ୍ରଦ୍ଧାଳୁଙ୍କ ଉପରେ ପଡିଥିଲା । ଫଳରେ ଘଟଣାସ୍ଥଳରେ କିଛି ବ୍ୟକ୍ତି ଓ ହସ୍ପିଟାଲରେ ଚ଼ିକିତ୍ସାଧିନ ଅବସ୍ଥାରେ ଆଉ କିଛି ବ୍ୟକ୍ତିଙ୍କ ଜୀବନ ଚ଼ାଲିଯାଇଥିଲା ।

## ପାଣ୍ଡିଆନ ଓ ବବିଙ୍କ ସପକ୍ଷରେ ବାହାରିଲେ ଦେବାଶିଷ, ପ୍ରଭାତଙ୍କୁ ନେଇ କହିଲେ ଏମିତି କଥା

ଭୁବନେଶ୍ୱର,୮ ।୭(ପି.ଏନ): ବବି ଓ ପାଣ୍ଡିଆନଙ୍କ ପାଇଁ ତେଜିଲା ଦେବାଶିଷ-ପ୍ରଭାତ କଳି । ବିଜେଡି ହାରିବା ଓ ଦଳର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନ ଉଠାଇଥିବା ବିଜେଡିର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କୁ ସମାଲୋଚ଼ନା କରିବା ବାହାନାରେ ପାଣ୍ଡିଆନଙ୍କ ସମର୍ଥନରେ ବାହାରିଛନ୍ତି ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ।ସେ କହିଛନ୍ତି, ପ୍ରଭାତ ବିଶ୍ୱାଳଙ୍କ ପୁଅ ବିଜେଡି ଟିକେଟରେ ନିର୍ବାଚ଼ନ ଜିତିଛନ୍ତି । ତଥାପି ସେ ଦଳର ଏପରି ସ୍ଥିତିରେ ସମାଲୋଚ଼ନା କରିବା ଏକ ଦୁଃଖଦାୟକ କଥା । ସେ ଟିପ୍ପଣୀ ରଖିଲେ, ପ୍ୟାରୀ ବାବୁଙ୍କୁ ମନେ ପକାଇଲେ । ଅନେକ କଥା କହିଲେ । ପରେ ମିଡିଆରେ ତାଙ୍କ କଥାକୁ ବୁଲେଇ ବଙ୍କ ?ଇ ମୁଁ ଏମିତି କହିନି ସେମିତି କହିନି ବୋଲି କହିଲେ । ପ୍ରଭାତ ବିଶ୍ୱାଳ କିଏ ? ସେ ଯଦି ନିଜକୁ ବିଜୁ ଜନତା ଦଳର ନେତା ବୋଲି ଭାବୁଛନ୍ତି ଓ ତାଙ୍କ ପୁଅ ଯଦି ବିଧାୟକ, କାହା ଉପରେ ଟିପ୍ପଣୀ ରଖିବାକୁ ତାଙ୍କୁ କିଏ ଅଧିକାର ଦେଲା ? ଯେତେବେଳେ ଦରକାର ପଡୁଥିଲା ଭି.କେ ପାଣ୍ଡିଆନଙ୍କ ନିକଟକୁ ଗୈଡୁଥିଲେ । ପ୍ରଣବ ପ୍ରକାଶ ଦାଶଙ୍କ ପାଖକୁ ମଧ୍ୟ ଦୌଡୁଥିଲେ । ଏବେ କ'ଣ କହୁଛନ୍ତି ପ୍ୟାରୀ ବାବୁଙ୍କ ଲୁହ ପଡିବ । ଏଥିରୁ ସ୍ପଷ୍ଟ ହେଉଛି, ପ୍ୟାରୀ ବାବୁଙ୍କ ସେହି କାଣ୍ଡ (ମିଡ୍ ନାଇଟ୍ ଅପରେସନ)ରେ ଏଇ ବାବୁ







ମଧ୍ୟ ନବୀନ ବାବୁଙ୍କ ବିରୋଧରେ ପ୍ରମୁଖ ଭୂମିକା ନେଇଥିଲେ । ଏବେ ଦଳ ନିର୍ବାଚ଼ନ ହାରିବା ପରେ ଏମିତି କଥା ସବୁ କହିବା ପଛରେ କାରଣ କ'ଣ ହୋଇପାରେ ମୋତେ ଲାଗୁଛି, କେଉଁ ବାଟରେ ନା କେଉଁ ବାଟରେ ସେ ସିବିଆଇ କେସ୍ ?ରୁ ବଞ୍ଚିବା ପାଇଁ ବିଜେପି ଆଡକୁ ଢଳୁଛନ୍ତି । ଏଇଟା ମୋ ବ୍ୟକ୍ତିଗତ ମତ । ଦେବାଶିଷ କହିଛନ୍ତି, ପ୍ୟାରୀ ବାବୁ ତାଙ୍କୁ (ପ୍ରଭାତ ବିଶ୍ୱାଳ) ଦଳକୁ ଆଣିଥିଲେ । ସେ ଦଳର ପ୍ରତିଷ୍ଠାତା ସଦସ୍ୟ ନଥିଲେ । ସେ ସ୍ୱାଧୀନ ଭାବେ ବିଜେଡି ବିପକ୍ଷରେ ନିର୍ବାଚ଼ନ ଲଢ଼ି ହାରିଥିଲେ । ପରବର୍ତ୍ତୀ ସମୟରେ ଜିତିଥିଲେ । ତା'ପରେ ସେ ଦଳକୁ ଆସିଥିଲେ । ଯଦି ସେ କହୁଛନ୍ତି ଯେ ସେ ପ୍ରତିଷ୍ଠାତା ସଦସ୍ୟ, ତା'ହେଲେ ଭୁଲ କହୁଛନ୍ତି ।ବିଜେଡି ସଂପୂର୍ଣ୍ଣ ଭାବେ ପୋଛି ହୋଇଯାଇନି । ବିଧାନସଭାରେ ଆମର ୫୧ ଜଣ ବିଧାୟକ ଅଛନ୍ତି । ଦଳ ଭିତରେ ଆଲୋଚ଼ନା ମଧ୍ୟରେ ପରାଜୟର କାରଣ ସଂପର୍କରେ ନବୀନ ବାବୁ ଜାଣି ସାରିଛନ୍ତି । ଦଳକୁ ପୁଣି କେମିତି ମଜବୁତ କରାଯିବ, ତାହା ତାଙ୍କ ଉପରେ ଛଡାଯାଇଛି । ପାଣ୍ଡିଆନ ବାବୁ ଯେତେବେଳେ କାମ କରୁଥିଲେ, ସେତେବେଳେ ତାଙ୍କୁ କେହି ନିନ୍ଦା କରି ନଥିଲେ । ଯେଉଁ ରୂପାନ୍ତରୀକରଣ ସେ କଲେ, ରାତି ୩/୪ଟାରୁ ଆସି କଟକ ବଡ ମେଡିକାଲ, ତାଳଦଣ୍ଡା କେନାଲ କାମର ସମୀକ୍ଷା କରୁଥିଲେ, ସେତେବେଳେ ତ ପ୍ରଭାତ ବିଶ୍ୱାଳ କିଛି କହି ନଥିଲେ । ପରାଜୟ ପାଇଁ ବିଜୁ ଜନତା ଦଳର ସଦସ୍ୟଭାବେ ଆମେ ସମସ୍ତେ ଦାୟୀ ବୋଲି ଭାବିବା ଉଚ଼ିତ୍ । କାହାକୁ ଦୋଷ ଦେଲେ ବିଜୁ ଜନତା ଦଳ ପୁଣି ଫେରିବନି । ଭିକେ ପାଣ୍ଡିଆନ ବୁଲି ବୁଲି ଯେଉଁ ଅଭିଯୋଗ ନେଉଥିଲେ, ୨୪ ଘଣ୍ଟାରେ ସେଗୁଡିକର ସମାଧାନ ହେଉଥିଲା । ନବୀନ ବାବୁ ସବୁ କାମ କଲେ । କିନ୍ତୁ ତାଙ୍କର (ଭିକେ ପାଣ୍ଡିଆନ) ବହୁତ ସହଯୋଗ ଥିଲା । ପରାଜୟ ପାଇଁ ଭିକେ ପାଣ୍ଡିଆନ ଏକ କାରଣ ନୁହନ୍ତି ବୋଲି କହିଛନ୍ତି ଦେବାଶିଷ । ସେହିଭଳି ଦଳର ପରାଜୟ ପାଇଁ ପ୍ରଣବ ପ୍ରକାଶ ଦାସ ମଧ୍ୟ ଆଦୌ ଦାୟୀ ନୁହନ୍ତି ବୋଲି କହିଛନ୍ତି ସେ । ଭିକେ ପାଣ୍ଡିଆନ ନିର୍ବାଚ଼ନର ସମସ୍ତ ନିଷ୍ପତ୍ତି ନେଇଥିଲେ ଓ ଟିକେଟ ବାଣ୍ଟିଥିବା କଥାକୁ ମଧ୍ୟ ଦେବାଶିଷ ଖଣ୍ଡନ କରିଛନ୍ତି । ଅନ୍ୟପକ୍ଷରେ ଦେବାଶିଷଙ୍କ ଏହି ପ୍ରତିକ୍ରିୟା ଆସିବା ପରେ ପ୍ରଭାତ ବିଶ୍ୱାଳ ତାଙ୍କ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି, ଦେବାଶିଷ କହିଛନ୍ତି ମୁଁ କିଏ । ମୁଁ କିଏ ବୋଲି ପଚ଼ାରିବାର କ୍ଷମତା ତାଙ୍କୁ କିଏ ଦେଇଛି । ଦେବାଶିଷ ବାବୁଙ୍କୁ ବହୁତ କଥା ଜଣା ନାହିଁ । ସେ ବହୁତ କଥା ଜାଣି ନାହାନ୍ତି । ମୁଁ ପାଣ୍ଡିଆନ ବାବୁଙ୍କ ବିରୋଧରେ କିଛି କହି ନାହିଁ । ସରକାର ବିରୋଧୀ ହାୱା କଥା କହିବା କ'ଣ ଭୁଲ୍ । ବଂର ଏକଥା ଶୁଣି ସାରା ରାଜ୍ୟରେ ଯେତେ ବିଜୁ ଜନତା ଦଳ କର୍ମୀ ଅଛନ୍ତି, ସେମାନେ ଖୁସି ହେଉଥିବେ । ଯେଉଁମାନେ ପ୍ରକୃତରେ ମେ' ୨୯ରେ (ସ୍ୱର୍ଗତ ପ୍ୟାରୀମୋହନ ମହାପାତ୍ରଙ୍କ ମିଡ୍ ନାଇଟ୍ ଅପରେସନରେ) ଥିଲେ, ସେମାନଙ୍କ ଉପରେ ମୋର ଅଭିମାନ ରହିଛି । ସେମାନେ ଏବେ ଦଳ ଭିତରେ ପ୍ରମୁଖ ଭୂମିକା ନେଉଛନ୍ତି । ସେମାନେ ନିଷ୍ପତ୍ତି ବି ନେଉଛନ୍ତି । ସମୟ ଆସିଲେ ସେ ବିଷୟରେ କହିବି । ଏବେ ସମସ୍ତେ ଦଳ ସୁଧାରିବା ଉପରେ ଚ଼ିନ୍ତା କରିବା ଉଚ଼ିତ୍ । ବିଜେପି ଆଡକୁ ଢଳିବା କଥା ମୋ ମନ ଭିତରେ ନାହିଁ । ସେ ରାଜ୍ୟସଭା ସାଂସଦ ହେଲେଣି । ସେ ଜାଣିବା ଦରକାର ମାମଲାଟିଏ ବିଚ଼ାରାଧୀନ ଥିଲେ, ସେଥିରେ କ୍ଷମତା ମଧ୍ୟ କାମ ଦେବ ନାହିଁ ।

## ଓଡ଼ିଶାର ବିକାଶରେ ଆନ୍ଧ୍ର ଠିକାଦାରଙ୍କ ଆନ୍ତରିକତା ନାହିଁ

ପାରଳାଖେମୁଣ୍ଡି,୮ ।୭(ପି.ଏନ): ଆନ୍ଧ୍ରପ୍ରଦେଶ ଠିକାଦାର ଓଡ଼ିଶାରେ ଠିକା କାମ କରୁଛନ୍ତି. ଏହି ଠିକାଦାରମାନେ ଆନ୍ଧ୍ର ପ୍ରଦେଶର ହୋଇଥିବାରୁ ଓଡ଼ିଶାର ବିକାଶ ପାଇଁ ଏମାନଙ୍କର ଆନ୍ତରିକତା ନାହିଁ. ଏହି ଆନ୍ଧ୍ର ଠିକାଦାରମାନେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କୁ ଆୟତ୍ତ କରି ଠିକା କାମରେ ଅତ୍ୟଧିକ ଲାଭ ପାଇଁ ନିମ୍ନମାନର ନିର୍ମାଣ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି. ଏଥିରେ ଏହି ଆନ୍ଧ୍ର ଠିକାଦାରମାନେ ଓଡ଼ିଶାର ରାଜସ୍ୱକୁ ଲୁଟି ଚ଼ାଲିଛନ୍ତି ବୋଲି ଅଞ୍ଚଳବାସୀ ଆମ ଗଜପତି ଜିଲ୍ଲା ପ୍ରତିନିଧି ତାରିଣୀ ପ୍ରସାଦ ପଣ୍ଡାଙ୍କୁ ସୂଚ଼ନା ପ୍ରଦାନ କରି କହିଛନ୍ତିଯେ ଗତ ସରକାର ସମୟରେ ବିଭିନ୍ନ ଚ଼ାପ ଦ୍ୱାରା ଏହି ଆନ୍ଧ୍ର ଠିକାଦାରମାନେ ଓଡ଼ିଶାର ବିକାଶ ପାଇଁ ରାସ୍ତା ନିର୍ମାଣ କରିବା ପାଇଁ ଠିକା କାମ ପାଇଛନ୍ତି. ସେହି ରାଜନୈତିକ ଚ଼ାପ ଦ୍ୱାରା ଏମାନେ କାହାକୁ ଖାତିର ନ କରି ମାତ୍ର କିଛି ଅର୍ଥ ଦ୍ୱାରା ଯନ୍ତ୍ରୀ ଓ ଅଧିକାରୀଙ୍କୁ କରାୟତ୍ତ କରି ଓଡ଼ିଶାର ଅର୍ଥକୁ ଲୁଟି ଚ଼ାଲିଛନ୍ତି. ଘଟଣା ନେଇ ବର୍ତ୍ତମାନର ସରକାର ଉଚ୍ଚ଼ସ୍ତରୀୟ ସରକାରୀ ତଦନ୍ତ ସହ ଭିଜିଲାନ୍ସ ବିଭାଗ ଦ୍ୱାରା ତଦନ୍ତ କଲେ ବହୁ ରହସ୍ୟ ଲୋକଲୋଚ଼ନକୁ ଆସିବା ସହ ଆନ୍ଧ୍ର ଠିକାଦାରଙ୍କ ଓଡିଶା ରାଜସ୍ୱ ଅର୍ଥର ଲୁଟକୁ ରୋକାଯାଇପାରିବ ବୋଲି ସାଧାରଣରେ ଦାବି ହୋଇଛି. ଘଟଣାରୁ ପ୍ରକାଶ, ୧୨ ଗୋଟି ବ୍ଲକକୁ ନେଇ ଗଠିତ ଗଜପତି ଜିଲ୍ଲାର କାଶୀନଗର ବ୍ଲକ । ଏଠାକାର ଜନସାଧାରଣଙ୍କ ମୌଳିକ ଆବଶ୍ୟକ ?ତା ପୂରଣ ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଥିବା ବେଳେ ରାସ୍ତାଘାଟ ନିର୍ମାଣରେ ସରକାର ବହୁଅର୍ଥ ବିନିଯୋଗ କରୁଛନ୍ତି । କିଛି ଦିନ ହେଲା କାଶୀନଗର ବ୍ଲକ ଇଦୁଡ଼ି ଗ୍ରାମଠାରୁ ଖାଣ୍ଡବା ଗ୍ରାମ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କାମ ଜାରି ରହିଛି । କିନ୍ତୁ ଏଥରେ ନିମ୍ନମାନର କାମ ହେଉଥିବା ନେଇ ଅଞ୍ଚଳବାସୀ ବିଭାଗୀୟ ଯନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି । ତେବେ ଅଭିଯୋଗକୁ କେହି କର୍ଣ୍ଣପାତ କରୁନଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ପୂର୍ବରୁ ଥ?ିବା ପିଚୁ ରାସ୍ତାକୁ ହଟାଇ ରାସ୍ତାର ସମ୍ପ୍ରସାରଣ ସ?ହିତ ବିଭିନ୍ନ ସ୍ଥାନରେ ରାସ୍ତାକଡ଼ରେ ପାଚେରୀ ଓ ଜଳ ନିଷ୍କାସନ ପାଇଁ କର୍ଲଭର୍ଟ କରିବା ପାଇଁ ନିର୍ଦ୍ଦେଶ ଥିବା ଜଣାପଡ଼ିଛି । କିନ୍ତୁ କିଛି ସ୍ଥାନରେ ରାସ୍ତାଉପରୁ ବିଦ୍ୟୁତ୍ ଖୁଣ୍ଟି ନହଟାଇ ରାସ୍ତା ନିର୍ମାଣ କରାଯାଉଥିବା ଦେଖିବାକୁ ମିଳିଛି । ଏପରିକି ଅନ୍ୟ କେତେକ ସ୍ଥାନରେ ପୁରୁଣା କର୍ଲଭର୍ଟ ଉପରେ ରାସ୍ତା ନିର୍ମାଣ କରାଯାଇଛି । ସେହିପରି ରାସ୍ତାପାର୍ଶ୍ୱରେ ପାଚେରୀ ଗୁଡିକୁ ଭାଇବ୍ରେଟର ନଦେଇ କାମଚ଼ଳା ଭାବେ ତଥା ତରବରିଆ ଭାବେ ନିମ୍ନମାନର କାମ କରାଯାଉଥିବା ଅଭିଯୋଗ ହୋଇଛି । ଏନେଇ ସମ୍ପୃକ୍ତ ଠିକାଦାରଙ୍କୁ ପଚ଼ାରିଲେ ସେ ନାଲିଆଖି ଦେଖାଇବା ସହ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ କହି ଆପରି କରୁଥିବା ଅଞ୍ଚଳବାସୀଙ୍କୁ ସେ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି । ଠିକାଦାର ଜଣକ ଆନ୍ଧ୍ରର ହୋଇଥିବା ବେଳେ କାହା ଛତ୍ରଛାୟା ତଳେ ରହି ସେ କାର୍ଯ୍ୟ କରୁଛନ୍ତି ସେନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି । ରାସ୍ତାର ନିମ୍ନମାନର କାର୍ଯ୍ୟକୁ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଅବଗତ କରାଯିବା ପରେ ମଧ୍ୟ ସେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ବେଳେ ବିଭାଗୀୟ ଏସଡିଓଙ୍କୁ ଫୋନ ଯୋଗେ ସମ୍ପର୍କ ସ୍ଥାପନ କରାଯାଇଥିଲେ ହେଁ ତାଙ୍କଠାରୁ କୌଣସି ଉତ୍ତର ମିଳିପାରି ନାହିଁ । ବିଭାଗୀୟ କର୍ମଚ଼ାରୀ ଉକ୍ତ ରାସ୍ତାନିର୍ମାଣ କାର୍ଯ୍ୟସ୍ଥଳୀରେ ଉପସ୍ଥିତ ରହି ତଦାରଖ କରୁ ନଥିବା ଯୋଗୁ ପ୍ରତିବାଦ ସତ୍ତ୍ୱେ ଠିକାଦାରଙ୍କ ପକ୍ଷରୁ ନିମ୍ନମାନର କାମ ଜାରି ରହିଥିବା ଦେଖିବାକୁ ମିଳିଛି ଓ ଉକ୍ତ ରାସ୍ତାରେ ଥ?ିବା ବିଦ୍ୟୁତ୍ ଖୁଣ୍ଟିକୁ ଧକ୍କା ହୋଇ କେତେକ ଯାତ୍ରୀ ଓ ପଥଚ଼ାରୀ ଆହତ ହୋଇଥିବା ଜଣାପଡ଼ିଛି । ଏହି ରାସ୍ତା ଆଗାମୀ ଦିନରେ ମରଣଯନ୍ତା ପାଲଟିବାର ଆଶଙ୍କା ସୃଷ୍ଟି ହୋଇଛି ।




# ବିହାର ମେଂଟ ପ୍ରତି ଚ୍ୟାଲେଞ୍ଜ



ବିହାରରେ ପୁଣି ନୀତିଶ ତେଜସ୍ୱୀ ଯୁଗ ଆରମ୍ଭ ହୋଇଛି। ବିଧାନସଭାରେ ଅନୁଷ୍ଠିତ ଆସ୍ଥା ଭୋଟରେ ଆରଜେଡି ଜେଡିୟୁ ସରକାର ବହୁ ଭୋଟରେ ବିଜୟୀ ହୋଇଛି। କହିବା ବାହୁଲ୍ୟ ଯେ, ତଥା ଗତ ଆଠ ବର୍ଷ ମଧ୍ୟରେ କେନ୍ଦ୍ରରେ କ୍ଷମତାସୀନ ବିଜେପି କର୍ଣ୍ଣାଟକଠାରୁ ଆରମ୍ଭ କରି ମହାରାଷ୍ଟ୍ର ପର୍ଯ୍ୟନ୍ତ ବହୁ ବିରୋଧିଦଳ ସରକାର ବିଭାଜନ ଘଟାଇ କ୍ଷମତା ଦଖଲ କରିଥିବାବେଳେ ପ୍ରଥମ ଥର ପାଇଁ ବିହାରରେ ବିଜେପି ମେଂଟ ସରକାରଙ୍କୁ ଭାଙ୍ଗି ଜେଡିୟୁ-ଆରଜେଡି ମେଂଟ କ୍ଷମତାସୀନ ହୋଇଛି। ସ୍ମରଣଯୋଗ୍ୟ ଯେ, ଅତୀତରେ ଅର୍ଥାତ୍ ତିନିବର୍ଷ ତଳେ ଜେଡିୟୁ-ଆରଜେଡି ମେଂଟ ସରକାରର ପତନ ଘଟି ବିଜେପି-ଜେଡିୟୁ ସରକାର କ୍ଷମତାସୀନ ହୋଇଥିଲା। ଉଲ୍ଲେଖ କରାଯାଇପାରେ ଯେ, ନବଗଠିତ ଜେଡିୟୁ-ଆରଜେଡି ମେଂଟ ସରକାର ବିଧାନସଭାରେ ଆସ୍ଥା ଭୋଟରେ ବହୁ ଭୋଟରେ ବିଜୟୀ ହୋଇଥିବା ସତ୍ତ୍ୱେ ପ୍ରକୃତ ରାଜନୈତିକ ଶକ୍ତି ପରୀକ୍ଷା ଏବେଠାରୁ ଆରମ୍ଭ ହୋଇଛି ବୋଲି କୁହାଯିବ। ଏହା ନିଶ୍ଚିତ ଯେ, କେନ୍ଦ୍ର ସହ ଗୋଟିଏ ପରେ ଗୋଟିଏ ରାଜ୍ୟରେ କ୍ଷମତା ଅକ୍ତିଆର କରି ଚାଲିଥିବା ବିଜେପି ବିହାରରେ କ୍ଷମତାଚ୍ୟୁତ ହେବାପରେ ନୀରବରେ ବସି ରହିପାରିବ ନାହିଁ। ଏହା ବିଧାନସଭାରେ ଶକ୍ତି ପରୀକ୍ଷା ଦିନ ହିଁ ସଂକେତ ପ୍ରଦାନ କରିଛି। ବିଧାନସଭାରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଆସ୍ଥା ପରୀକ୍ଷା ଦେଉଥିବା ବେଳେ ଅନ୍ୟପଟେ ୟୁପିଏର ପ୍ରଥମ ପାଳି ସରକାରରେ ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ରେଳବାଇ ମନ୍ତ୍ରୀ ଥିବାବେଳେ ବହୁଚର୍ଚ୍ଚିତ ଲ୍ୟାଣ୍ଡ ଫର ଜବସ୍ (ଜମି ପାଇଁ ନିଯୁକ୍ତି) ଦୁର୍ନୀତି ମାମଲାରେ ସିବିଆଇ ଆରଜେଡିର କେତେକ ନେତାଙ୍କ ବାସଭବନରେ ଚଢାଉ କରିଥିଲା। ସିବିଆଇ ଚଢାଉର ସମ୍ମୁଖୀନ ହୋଇଥିବା ନେତାଙ୍କ ମଧ୍ୟରୁ କିଏ ଅପରାଧୀ, କିଏ ନିର୍ଦ୍ଦୋଷ, ତାହା ଭବିଷ୍ୟତରେ ଆଇନ କହିବ। ତେବେ ବିରୋଧୀଙ୍କ ବିରୁଦ୍ଧରେ ଚଢାଉ ଯେଉଁ ସମୟରେ ହୋଇଛି ବା ବିରୋଧୀଙ୍କୁ ଟାର୍ଗେଟ ଯେଉଁ ସମୟରେ କରାଯାଇଛି, ସେଥିରୁ ବିଜେପି କେତେ ପ୍ରତିଶୋଧ-ପରାୟଣ, ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ। କେବଳ ନୀତିଶଙ୍କ ନେତୃତ୍ୱରେ ପରିଚାଳିତ ମହାଗଠବନ୍ଧନ ସରକାର ନୁହେଁ, ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ପ୍ରତି ମଧ୍ୟ ପ୍ରତିଶୋଧପରାୟଣ କାର୍ଯ୍ୟାନ୍ୱୟନ ବଢିବା କିଛି ଅସ୍ୱାଭାବିକ ନୁହେଁ।

ତେବେ ତିନୋଟି ଚ୍ୟାଲେଞ୍ଜ ଏବେ ଜେଡିୟୁ-ଆରଜେଡି ସରକାରଙ୍କ ପ୍ରତି ରହିଛି। ଏହାକୁ ମୁକାବିଲା କରିବା ପାଇଁ ଉଭୟ ଦଳ ପ୍ରଥମତଃ ଏକ ଏବଂ ଏକମନ, ଏକପ୍ରାଣ ହୋଇ ରହିବା ଜରୁରୀ। ସେହିପରି ଯେଉଁସବୁ ଅଂଚଳରେ ଯେଉଁ ଦଳର ପ୍ରଭାବ ରହିଛି, ସେଠାରେ ପରସ୍ପର ସହ ବୁଝାମଣା କରିବାକୁ ହେବ। ତୃତୀୟଟି ହେଉଛି ବିହାରର ଜନସାଧାରଣଙ୍କ ହୃଦୟ ଜିତିବା ପାଇଁ ସୁଶାସନ ଏବଂ ଜନହିତକର କାର୍ଯ୍ୟକ୍ରମ ହାତକୁ ନେବା। ଏହା ସତ୍ୟ ଯେ, ଉଭୟ ଦଳ ପୁରୁଣା ମଣ୍ଡଳ ଦଳ ତଥା ଜନତାଦଳରୁ ଆସିଥିବା ଯୋଗୁ ବିହାରରେ ବିଜେପିର ଏକ ଶକ୍ତିଶାଳୀ ବିକଳ୍ପ ଭାବେ ଉଭା ହୋଇଛି। ଅତୀତରେ ୨୦୧୫ ବିଧାନସଭା ନିର୍ବାଚନରେ ଜେଡିୟୁ- ଆରଜେଡି ମେଂଟ ବିଜେପିକୁ ଧୂଳି ଚଟାଇ ବିହାରରେ କ୍ଷମତାସୀନ ହୋଇଥିଲା। ଉଭୟ ଦଳର ସାମାଜିକ ସ୍ଥିତି ସମାନ ଥିବା ବେଳେ ଆଦର୍ଶଗତ ସାମଞ୍ଜସ୍ୟ ମଧ୍ୟ ରହିଛି। ୨୦୧୫ରେ ମେଂଟ ସରକାର ଦୁଇବର୍ଷ ସୁରୁଖୁରୁରେ କାର୍ଯ୍ୟ କରିଥିବାବେଳେ ଦୁର୍ନୀତିକୁ ନେଇ ମେଂଟ ଭାଙ୍ଗି ଯାଇଥିଲା। ପୂର୍ବରୁ ସମସ୍ତ ତିକ୍ତତା, ମାନ, ଅଭିମାନକୁ ଭୁଲି ଉଭୟ ଦଳ ଏକତ୍ର କାର୍ଯ୍ୟ କରିବା ଉଚିତ୍। ଯାହାକି ବିଜେପିର ଯଥାର୍ଥ ମୁକାବିଲା କରିପାରିବ। ସେହି ଯେଉଁ ଅଂଚଳରେ ଯେଉଁ ଦଳର ପ୍ରଭାବ ରହିଛି, ସେଠାରେ ଉଭୟ ଦଳର ନେତା ଓ କର୍ମୀମାନେ ମିଳିମିଶି କାର୍ଯ୍ୟ କରିପାରିଲେ, କେବଳ ମେଂଟ ସୁଦୃଢ ହେବନାହିଁ, ଜନସାଧାରଣଙ୍କର ମଧ୍ୟ ହିତ ସାଧନ ହୋଇପାରିବ। ଏହା ସତ୍ୟ ଯେ, ନୀତିଶ କୁମାରଙ୍କ ନିର୍ମଳ ଭାବମୂର୍ତ୍ତି ତାଙ୍କୁ ଜଣେ ଜାତୀୟସ୍ତରର ନେତାଭାବେ ପ୍ରତିଷ୍ଠିତ କରିଥିବା ବେଳେ ତେଜସ୍ୱୀଙ୍କ ପ୍ରତି ଯୁବଗୋଷ୍ଠୀର ଆକର୍ଷଣ ବଢିବାରେ ଲାଗିଛି। ନିକଟରେ ନବନିଯୁକ୍ତ ମନ୍ତ୍ରୀମାନଙ୍କୁ ନୂଆ ଗାଡି ନ କିଣିବା, କାହାରିକୁ ପାଦ ଛୁଇଁବାକୁ ନଦେବା ପାଇଁ ତେଜସ୍ୱୀ ଯେଉଁ ପରାମର୍ଶ ଦେଇଛନ୍ତି, ତାହା ପ୍ରଣିଧାନଯୋଗ୍ୟ। ତେବେ ମୁଖ୍ୟ ଚ୍ୟାଲେଞ୍ଜ ହେଉଛି ବିହାରରେ ବେକାରୀ ସମସ୍ୟା ବୃଦ୍ଧି। ବେକାର ଯୁବକ-ଯୁବତୀଙ୍କୁ କର୍ମନିଯୁକ୍ତି ଯୋଗାଇଦେବା ପାଇଁ

# ଶକ୍ତି ଉପାସନାର ସ୍ଥଳ ତୀର୍ଥରାଜ ପ୍ରୟାଗ



ପୁଣ୍ୟଭୂମି ଭାରତ ବର୍ଷର ଉତ୍ତରରୁ ଦକ୍ଷିଣ ପର୍ଯ୍ୟନ୍ତ ସାରା ଭାରତରେ ଶକ୍ତିଙ୍କର ଅସଂଖ୍ୟ ଉପାସନା ଓ ଅର୍ଚ୍ଚନା ସ୍ଥଳୀ ରହିଛି। ସେଗୁଡ଼ିକ ମଧ୍ୟରେ ତୀର୍ଥରାଜ ପ୍ରୟାଗ ଶକ୍ତି ଉପାସନାର ପ୍ରମୁଖ ସ୍ଥଳ ଭାବରେ ପରିଚିତ। ମୁଖ୍ୟତଃ ୫୧ ଟି ମହାପୀଠର ବିଶେଷ ଗୁରୁତ୍ୱ ରହିଛି।

ହିନ୍ଦୁ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ମା’ ଶକ୍ତିଙ୍କୁ ନିଜର ଝିଅ(ସତୀ) ରୂପରେ ପାଇବା ପରେ ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଦକ୍ଷରାଜଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ଏକ ଯଜ୍ଞର ଆୟୋଜନ କଲେ। ଝିଅ ମାତା ସତୀ ଓ ଜ୍ୱାଇଁ ଭଗବାନ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ମାତା ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚିଲେ। ଦକ୍ଷ ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଭଗବାନ ଶିବ ଏ ଖବର ଜାଣି ସେଠାରେ ପହଂଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଶିବ ଶାନ୍ତ ହେବେ ନାହିଁ। ସଙ୍ଗେସଙ୍ଗେ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। କିଛି ସମୟ ମଧ୍ୟରେ ମା’ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା’ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ବିଭିନ୍ନ ସ୍ଥାନରେ ବିଂଚି ହୋଇ ପଡ଼ିଲା। ଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ



ଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ତେବେ ପ୍ରୟାଗରେ ଏପରି ୩ଟି ସ୍ଥାନ ରହିଛି, ଯେଉଁ ସ୍ଥାନ ମାନଙ୍କରେ ମାତା ସତୀଙ୍କର ଅଙ୍ଗ ଖଣ୍ଡ ଗୁଡ଼ିକ ପଡ଼ିଥିଲା। ଏଠାରେ ମାତା ଲଳିତା ଦେବୀ, ମାତା କଲ୍ୟାଣୀ ଦେବୀ ଓ ମାତା ଅଲୋପଶଙ୍କରୀ ଦେବୀ ରହିଛନ୍ତି। ଏହି ଶକ୍ତିପୀଠ ଗୁଡ଼ିକରେ ପୂଜା ଏବଂ ଦର୍ଶନ କରିବାକୁ ଦୂରଦୂରାନ୍ତରୁ ବହୁ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଆସିଥାନ୍ତି। ନବରାତ୍ରରେ ପ୍ରତି ମନ୍ଦିରରେ ବିଶେଷ




ପୂଜା ଓ ଅନୁଷ୍ଠାନ ହୋଇଥାଏ। ଏହି ଉତ୍ସବରେ ପ୍ରତିଦିନ ଶହ ଶହ ଭକ୍ତ ସାମିଲ ହୋଇଥାନ୍ତି।

ଯମୁନା ନଦୀ କୂଳରେ ମୀରପୁର ସ୍ଥିତ ମା’ ଲଳିତାଙ୍କ ଏହି ପ୍ରାଚୀନ ମହା ଶକ୍ତିପୀଠ ମନ୍ଦିରରେ ମାତା ସତୀଙ୍କ ହାତର ଅଙ୍ଗୁଳି ପଡ଼ିଥିଲା। ସେହି ସ୍ଥାନରେ ମା’ଭଗବତୀ, ମହାକାଳୀ, ମହାଲକ୍ଷ୍ମୀ ଓ ମହା ସରସ୍ୱତୀ ରୂପରେ ଅଧିଷ୍ଠିତ ଅଛନ୍ତି। ଏହି ମନ୍ଦିରରେ ପ୍ରବେଶ କରିବା ମାତ୍ରେ ନିଜ ଭିତରେ ଦିବ୍ୟ ଶକ୍ତିର ଅନୁଭବ ହୋଇଥାଏ। ମାତାଙ୍କର ଡ଼ାହାଣ ହାତରେ ସଂକଟ ମୋଚନ ହନୁମାନ, ରାମ, ଲକ୍ଷ୍ମଣ, ସୀତା ଓ ନବଗ୍ରହ ମାନଙ୍କର ଦିବ୍ୟ ମୂର୍ତ୍ତି ମାନ ସ୍ଥାପିତ ହୋଇଛି। ମନ୍ଦିର ଭିତରେ ରାଧା-କୃଷ୍ଣଙ୍କର ଭବ୍ୟ ମୂର୍ତ୍ତି ଗୁଡ଼ିକ ଭକ୍ତ ମାନଙ୍କର ମନ ମୋହିନିଏ। ନବରାତ୍ର ବେଳେ ଫୁଲ ଓ ଅଳଙ୍କାରରେ ମାତାଙ୍କର ଶୃଙ୍ଗାର କରା ଯାଇଥାଏ।

ମାତା ଲଳିତା ଦେବୀଙ୍କ ଭଳି ମାତା କଲ୍ୟାଣୀ ଦେବୀ ମନ୍ଦିରରେ ମଧ୍ୟ ମାତା ସତୀଙ୍କ ଅଙ୍ଗୁଳି ଖଣ୍ଡ ପଡ଼ିଥିଲା। ମତ୍ସ୍ୟ ପୁରାଣର ୧୩ଶ ଅଧ୍ୟାୟରେ ଯେଉଁ ୧୦୮ ପୀଠର ବର୍ଣ୍ଣନା ହୋଇଛି, ସେଥିରେ କଲ୍ୟାଣୀ ଲଳିତାଙ୍କ ନାମ ସର୍ବ ପ୍ରଥମେ ଆସିଛି। ମହର୍ଷି ଯାଜ୍ଞବଲ୍କ୍ୟ ଆରାଧାନା ପାଇଁ ଏହି ସ୍ଥାନକୁ ପସନ୍ଦ କରିଥିଲେ। ଏଠାରେ ମାତା କଲ୍ୟାଣୀ ଚତୁର୍ଭୁଜ ରୂପରେ ସିଂହ ଉପରେ ବସି ବିଦ୍ୟମାନ ଅଛନ୍ତି। ମୂର୍ତ୍ତିର ଶୀର୍ଷରେ ଆଭାଚକ୍ର ରହିଛି, ମସ୍ତକ ଉପରେ ଯୋନୀ, ଲିଙ୍ଗ ଏବଂ ଫଣୀନ୍ଦ୍ର ଶୋଭା ପାଉଛି। ଦକ୍ଷିଣ ଭାଗରେ ଦେବାଧିଦେବ ମହାଦେବ ଓ ଗଜାନନ ଗଣେଷଙ୍କର ମନୋରମ ପ୍ରତିମା ସ୍ଥାପିତ ହୋଇଛି।

ମାତା ଅଲୋପଶଙ୍କରୀଙ୍କ ଭିତରେ ଲୋପ ହୋଇ ଯାଇଛନ୍ତି। ସଂଗମଠାରୁ କିଛି ଦୂରରେ ଅବସ୍ଥିତ ମାତା ଅଲୋପଶଙ୍କରୀଙ୍କ ପ୍ରାଚୀନ ସିଦ୍ଧପୀଠ ହେଉଛି ମନ୍ଦିର। ପୁରାଣ ଅନୁସାରେ ଏଠାରେ ମାତା ସତୀଙ୍କର ଯେଉଁ ଅଙ୍ଗ ପଡ଼ିଥିଲା, ତାହା ଲୋପ ହୋଇଗଲା। ଏହି କାରଣରୁ ମା’ଭଗବତୀଙ୍କ ପୂଜା ଅଲୋପଶଙ୍କରୀଙ୍କ ରୂପରେ ହୋଇଥାଏ। ନବରାତ୍ର ବ୍ୟତୀତ ସୋମବାର ଓ ଶୁକ୍ରବାର ଏଠାରେ ବିଶାଳ ମେଳା ବସିଥାଏ। ପୁରାଣରେ କ୍ଷମା ମାତାଙ୍କ ମନ୍ଦିର ସଂପର୍କରେ ବ୍ୟାପକ ବର୍ଣ୍ଣନା କରାଯାଇଛି। ଏଠାରେ ମା’ ଭଗବତୀ ଚନ୍ଦ୍ରଘଣ୍ଟା ରୂପରେ ଅଧିଷ୍ଠିତ ଅଛନ୍ତି। ସାରା ଦୁନିଆର ଏହା




ଏକମାତ୍ର ମନ୍ଦିର, ଯେଉଁଠି ମା’ଦୁର୍ଗାଙ୍କର ନଅଟି ସ୍ୱରୂପକୁ ଏକ ସଙ୍ଗରେ ଦର୍ଶନ କରାଯାଇ ଥାଏ। ସଚ୍ଚା ହୃଦୟରେ ମା’ଙ୍କ ଦର୍ଶନ ମାତ୍ରେ ହିଁ ମଣିଷକୁ ସମସ୍ତ ମାନସିକ ଓ ଶାରୀରିକ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ। ନବରାତ୍ର ବେଳେ ପ୍ରତିଦିନ ଦେବୀଙ୍କର ଭିନ୍ନ ଭିନ୍ନ ସ୍ୱରୂପର ବିଶେଷ ଶୃଙ୍ଗାର କରାଯାଇଥାଏ। ସିଦ୍ଧପୀଠ ବ୍ୟତୀତ ସହରର ମସୁରିଆ ଦେବୀ, ଶୀତଳା ମାତା, ଅଷ୍ଟଭୁଜା ଦେବୀ, କାଳୀ ମାତା ଆଦି ମନ୍ଦିରରେ ପ୍ରତିଦିନ ସକାଳ ଓ ସଂଧ୍ୟାରେ ବସ୍ତ୍ର, ଅଳଙ୍କାର ଓ ଫୁଲରେ ମାତାଙ୍କ ଦିବ୍ୟ ସ୍ୱରୂପର ଶୃଙ୍ଗାର କରାଯାଇ ସାମୁହିକ ଆଳତୀ ହୋଇଥାଏ। ନବରାତ୍ର ଉତ୍ସବ ସମୟରେ ନିଜର ମନୋ କାମନା ପୂରଣ ପାଇଁ ଭକ୍ତ ମାନେ ବ୍ରତ ସହ ଶକ୍ତି ସ୍ୱରୂପା ମା’ ଭଗବତୀଙ୍କ ଆରାଧନା କରିଥାନ୍ତି। ଯଦ୍ୱାରା ଭକ୍ତମାନଙ୍କର ମନୋସ୍କାମନା ଅତିଶୀଘ୍ର ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି।

## ଜାତୀୟ ପତାକାର ଅପବ୍ୟବହାର ଓ ଅବମାନନାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲା କଂଗ୍ରେସ

ଭୁବନେଶ୍ୱର (ପିଏନ୍)-ଜାତୀୟ ପତାକାକୁ ସମ୍ମାନ କରିବା ଏବଂ ଜାତୀୟ ପତାକାର ମାନ ଓ ଗୌରବକୁ ରକ୍ଷା କରିବା ହେଉଛି ପ୍ରତ୍ୟେକ ଭାରତୀୟ ନାଗରିକଙ୍କର ପରମ କର୍ତବ୍ୟ। ଏହାହିଁ ଭାରତୀୟ ସମ୍ବିଧାନ ପ୍ରତି ଆମର ନିଷ୍ଠା। ସମ୍ବିଧାନର ଧାରା ୫୧-ଏ ରେ ଏହା ସିଧାସଳଖ କୁହାଯାଇଥିଲେ ମଧ୍ୟ କଟକ ଇଣ୍ଡୋର ଷ୍ଟାଡିୟମରେ ପ୍ରଜାତନ୍ତ୍ରର ପ୍ରତିଷ୍ଠା ଉତ୍ସବରେ ଖୋଦ କେନ୍ଦ୍ର ଗୃହମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ ମୁଖ୍ୟମନ୍ତ୍ରୀ ଏବଂ ସାଂସଦ ଓ ଉଭୟ ଦଳର ତୃଙ୍ଗ ନେତୃବୃନ୍ଦ ଉପସ୍ଥିତ ଥାଇ ମଧ୍ୟ ଭାରତର ଜାତୀୟ ପତାକାର ଅପବ୍ୟବହାର ହେବା ସହିତ ଜାତୀୟ ପତାକାକୁ ଅପମାନିତ କରାଯାଇଥିଲା ବୋଲି କଂଗ୍ରେସ ଭବନରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶ୍ରୀ ପଂଚାନନ କାନୁନଗୋ କହିଥିଲେ। ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପାଳନ ଅବସରରେ ଖୋଦ୍ ପ୍ରଧାନମନ୍ତ୍ରୀ ଘର ଘର ମେ ତ୍ରିରଙ୍ଗା ଉଡ଼ିବାର ବାର୍ତା ଦେଉଥିଲା ବେଳେ ଖୋଦ କେନ୍ଦ୍ର ଗୃହମନ୍ତ୍ରୀ ଏବଂ ଶିକ୍ଷାମନ୍ତ୍ରୀଙ୍କ ସମ୍ମୁଖରେ ଜାତୀୟ ପତାକାକୁ ବ୍ୟାଗ କରି ଖାଦ୍ୟ ପୁଡ଼ିଆ ବୁହାଯାଉଥିଲା। ସଭାଗୃହରେ ବହୁ ସ୍ଥାନରେ ଜାତୀୟ ପତାକା ତଳେ ପଡ଼ିରହିଥିବାର ଚିତ୍ର ସମସ୍ତ ସାମାଜିକ ଗଣମାଧ୍ୟମ ଓ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରଚାରିତ ହେଲାପରେ ମଧ୍ୟ ନା କେନ୍ଦ୍ର ସରକାର ନା ରାଜ୍ୟ ସରକାର କେହି ଏହା ବିରୋଧରେ ପଦୁଟିଏ ଉଚ୍ଚାରଣ କଲେ ନାହିଁ। ଏହା ଜାତୀୟ ପତାକା ସମ୍ମାନ ନିୟମ ୧୯୭୧ ଉପଧାରା-୨କୁ ସଂପୂର୍ଣ୍ଣ ଉଲଙ୍ଘନ କରୁଥିଲା ବେଳେ କାହିଁକି ଖୋଦ୍ ମୁଖ୍ୟମନ୍ତ୍ରୀ, ସାଂସଦ ଓ କେନ୍ଦ୍ରମନ୍ତ୍ରୀ ଅମିତ ଶାହା, ଧର୍ମେନ୍ଦ୍ର ପ୍ରଧାନ ଚୁପ ରହିଲେ। ଯେହେତୁ ଦୀର୍ଘ ୫୨ ବର୍ଷ ଧରି ଜାତୀୟ ପତାକାକୁ ଆରଏସଏସ ନିଜ କାର୍ଯ୍ୟାଳୟରେ ଉଡ଼ାଇନାହିଁ ସେହିଦୃଷ୍ଟିରୁ କେନ୍ଦ୍ରମନ୍ତ୍ରୀ ଅମିତ ଶାହା ଓ ଧର୍ମେନ୍ଦ୍ର ପ୍ରଧାନ ଚୁପ ରହି ତାଙ୍କର ଇଚ୍ଛାକୁ ପୂରଣ କଲେ କି? ପ୍ରଦେଶ କଂଗ୍ରେସ ରାଜ୍ୟ ସରକାରଙ୍କ ପାଖରେ ଦାବି କରୁଛି ଯେ ଯେଉଁମାନଙ୍କର ଫଟୋ ଜାତୀୟ ପତାକାକୁ ଅବମାନନା କରୁଥିବାର ଉତୋଳିତ ହୋଇଛି ଏବଂ ଯେଉଁ ପଦାଧିକାରୀ ଓ ନେତୃବୃନ୍ଦ ଜାତୀୟ ପତାକାକୁ ଖାଦ୍ୟ ପୁଡ଼ିଆ ବ୍ୟାଗ କରି ଦେଇଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଏବଂ ଗିରଫ କରି ଜେଲ ପଠାଯାଉ। ତତ୍‌ସହିତ କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ରଜନୀ କୁମାର ମହାନ୍ତି, ଶ୍ରୀ ମନୋରଞ୍ଜନ ଦାଶ ଓ ସାମାଜିକ ଗଣମାଧ୍ୟମ ବିଭାଗର ଅଧକ୍ଷ ଶ୍ରୀ ଅଭିଷେକ ମହାନନ୍ଦ ଉପସ୍ଥିତ ଥିଲେ।

## ରାଖୀ ହେଉ ସବୁଜ ସମ୍ପର୍କର ସାକ୍ଷୀ

ଭୁବନେଶ୍ୱର (ପିଏନ୍): ସ୍ମାର୍ଟ ନଗରୀ ଭୁବନେଶ୍ୱର ପୋଖରୀପୁଟର ଇନ୍ଦ୍ରପ୍ରସ୍ଥ ଫେଜ୍-୨ଠାରେ କିଛି ପରିବେଶ ଓ ବୃକ୍ଷପ୍ରେମୀ ଏକାଠି ହୋଇ ଏକ ଭିନ୍ନ ଢଙ୍ଗରେ ରକ୍ଷାବନ୍ଧନ ଉତ୍ସବକୁ ପାଳନ କରିଛନ୍ତି। ପରିବେଶ ଅନୁକୂଳ ରଙ୍ଗ, ବେରଙ୍ଗ ସୂତାକୁ ବ୍ୟବହାର କରି ସେଥିରେ ଗୋଟିଏ ଆକର୍ଷଣୀୟ ରାଖୀ ତିଆରି କରି ସମ୍ପର୍କର ବନ୍ଧନ ସହିତ ଗଛରେ ରାଖୀ ବାନ୍ଧିବା ସହ ସିନ୍ଦୁର, ଚନ୍ଦନ ଫୁଲ ଲଗାଇ ସାରା ବିଶ୍ୱକୁ ପ୍ରକୃତିର ବନ୍ଦନା କରିବାର ଏକ ନିଆରା ବାର୍ତ୍ତା ଦେଇଛନ୍ତି। ବୃକ୍ଷପ୍ରେମୀମାନେ ଏ ସମ୍ପର୍କରେ କୁହନ୍ତି ରକ୍ଷାବନ୍ଧନ ହେଉଛି ଅତୁଟ ସମ୍ପର୍କର ନିବିଡ଼ ବନ୍ଧନ। ଜନ୍ମ ଜନ୍ମକୁ ବାନ୍ଧି ହେବାର ଏକ ଅତୁଟ ପ୍ରେମର ନିଛକ ସ୍ପନ୍ଦନ। ସେହିପରି ଗଛ ସହ ଆମର ସମ୍ପର୍କ ଏହିପରି ରହିବା ଦରକାର। ଗଛ ଯେପରି ଏନ୍ତୁଡ଼ିଶାଳରୁ ଶଶ୍ମାନ ପର୍ଯ୍ୟନ୍ତ ନିଃସ୍ୱାର୍ଥପର ଭାବେ ଆମ୍ଭକୁ ସୁରକ୍ଷା ଦେଇଥାଏ, ଠିକ୍ ସେହିପରି ଆମ୍ଭେମାନେ ମଧ୍ୟ ଗଛ ପ୍ରତି ସେମିତି କର୍ତବ୍ୟ ସମ୍ପାଦନ କରି ତା’ରି ସୁରକ୍ଷା ଦେବା ସମସ୍ତଙ୍କ ପାଇଁ ଆଜିର ଦିବସରେ ସଂକଳ୍ପ ହେଉ ବୋଲି ବୃକ୍ଷପ୍ରେମୀ ମାନେ ଆଶା ପ୍ରକଟ କରିଥିଲେ। ପରିବେଶବିତ୍ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରଫେସର ଓ ଚଳଚ୍ଚିତ୍ର ଅଭିନେତା ଡ. ଜ୍ଞାନେନ୍ଦ୍ର କୁମାର ପଲାଇ, ସାଇ ସେବକ ନାରାୟଣ ପ୍ରଧାନ, ବୃକ୍ଷପ୍ରେମୀ ପ୍ରିୟବ୍ରତ ପଣ୍ଡା, ରାଧାଚରଣ ସାହୁ, ଚିତ୍ରଶିଳ୍ପୀ ସୁସ୍ମିତାରାଣୀ ରାଉତ, ଅନସୂୟା ସାହୁ ଏବଂ କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ପ୍ରମୁଖ ଗଛରେ ରାଖି ବାନ୍ଧିବା ସହ ତା’ର ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ। ଭାଇ-ଭଉଣୀଙ୍କ ସମ୍ପର୍କ ଭଳି ମଣିଷ ଓ ବୃକ୍ଷର ସମ୍ପର୍କ ଅତୁଟ ହେବା ଦରକାର ଏବଂ ରାଖୀ ସବୁଜ ସମ୍ପର୍କର ସାକ୍ଷୀ ହେଉ ବୋଲି ଶ୍ରୀ ସାହୁ ଏହି ଅବସରରେ କହିଥିଲେ।

## ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ବଳିଦାନ ଦିବସ



ଖୋର୍ଦ୍ଧା (ପିଏନ୍)-ପାଇକ ବିଦ୍ରୋହର ମହାନାୟକ ବକ୍ସି ଜଗବନ୍ଧୁଙ୍କ ସହଯୋଗୀ ମହାନବୀର ପଣ୍ଡିକି ବାହୁବଳେନ୍ଦ୍ରଙ୍କ ୨୦୧ତମ ବଳିଦାନ ଦିବସରେ ବିଭିନ୍ନ କୃତବିଦ୍ୟଙ୍କୁ ଶୌର୍ଯ୍ୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ବୀର ପିଣ୍ଡିକିଙ୍କ ଜନ୍ମସ୍ଥାନ ଦାରୁଠେଙ୍ଗରେ ପିଣ୍ଡିକି ବାହୁବଳେନ୍ଦ୍ର ସ୍ମୃତି କମିଟି, ପିଣ୍ଡିକି ସ୍ପୋର୍ଟସ କ୍ଲବ୍ ଓ କଳିଙ୍ଗ ପାଇକ ସଂଗଠନର ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମିଟି ସଭାପତି କବିରାଜ ବିଧାର ସଭାପତିତ୍ୱ କରିଥିଲେ। ଜାତୀୟ ପତାକା ଉତ୍ତୋଳନ, ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପ୍ରଫେସର ବୈଷ୍ଣବ ଚରଣ ସାମଲ ଯଥାକ୍ରମେ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଣ୍ଡିକଙ୍କ ଗରିଲା ଯୁଦ୍ଧ ଓ ଦେଶପ୍ରେମ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ରାମଚଣ୍ଡୀ ଦଳବେହେରା, ମୃତ୍ୟୁଂଜୟ ଛୋଟରାୟ, ପ୍ରାକ୍ତନ ମନ୍ତ୍ରୀ ଡା. ବେଣୁଧର ବଳିଆରସିଂହଙ୍କ ସୁକନ୍ୟା ବିଶିଷ୍ଟ ଅନୁବାଦିକା ଡ. ଶକୁନ୍ତଳା ବଳିଆରସିଂହ, କୁଂଜୁରୀ ବରପଦାର ଖ୍ୟାତନାମା ଚିତ୍ରଶିଳ୍ପୀ ବଳଦେବ ମହାରଥା, ସାହିତ୍ୟିକ ଅମରେଶ ବିଶ୍ୱାଳ, ପୂର୍ବତନ ପ୍ରଶାସକ ସହଦେବ ଜୟସିଂହ, ଡୁମ୍ବଡୁମା ଦଳବେହେରା, ଅବଦୁଲ କଲାମ ଆଜାଦ୍, ସମାଜସେବୀ ରମଜାନ୍ ଖାଁଙ୍କୁ ଶୌର୍ଯ୍ୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କଳିଙ୍ଗ ପାଇକ ସଂଗଠନର ଉପଦେଷ୍ଟା ଭୀମସେନ ପ୍ରଧାନ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ମୁଖ୍ୟ ଉଦ୍ୟୋକ୍ତା ଇଂ. ଶିଶିର କୁମାର ନାୟକ, ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ସଂଗଠକ ପ୍ରଦୀପ କୁମାର ବିଶ୍ୱାଳ, ବରିଷ୍ଠ ବିଜେପି ନେତା ସୁରଥ ବିଶ୍ୱାଳ, କୃଷକ ନେତା ଶ୍ରୀରଂଜନ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ। ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ବଂଶଧର ପ୍ରଫୁଲ୍ଲ ବାହୁବଳେନ୍ଦ୍ର, ସ୍ମୃତି କମିଟିର ଉପସଭାପତି ଅମରେନ୍ଦ୍ର ମହାପାତ୍ର, କ୍ଲବ ସମ୍ପାଦକ ପବିତ୍ର ବାହୁବଳେନ୍ଦ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିଶୁ ସାହିତ୍ୟ ସ୍ରଷ୍ଟା ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ପୁରସ୍କାର ଘୋଷଣା

ଧର୍ମଶାଳା (ପିଏନ୍): ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ଓଡିଶାର ଲବ୍ଧପ୍ରତିଷ୍ଠିତ ଶିଶୁ ସାହିତ୍ୟ ସ୍ରଷ୍ଟା ଉତ୍କଳଚନ୍ଦ୍ର ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୧୧୯ତମ ଜୟନ୍ତୀ ଉତ୍ସବ ଆସନ୍ତା ୧୦ ତାରିଖ ଶନିବାର ଜାରକାସ୍ଥିତ ସିଭିକ ସେଂଟରଠାରେ ଅନୁଷ୍ଠିତ ହେବ। ଏଥିନେଇ ସାହିତ୍ୟ ସମାଜ ପକ୍ଷରୁ ୨୦୨୨ ପାଇଁ ପୁରସ୍କାର ଘୋଷଣା କରାଯାଇଛି। ଚଳିତ ଥର ବିଶିଷ୍ଟ ଶିଶୁ ସାହିତ୍ୟିକ ଚିତରଂଜନ ବ୍ରହ୍ମାଙ୍କୁ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ପୁରସ୍କାର, ସରୋଜକାନ୍ତ ପରିଜାଙ୍କୁ ଶିଶୁ ସାହିତ୍ୟ ସମ୍ମାନ ପ୍ରଦାନ କରାଯିବ। ଏଥିସହ ଡ. ଯତିନ୍ଦ୍ର କୁମାର ରାଉତଙ୍କୁ ଗୋକର୍ଣ୍ଣିକା କବିତା ସମ୍ମାନ ପ୍ରଦାନ କରାଯିବ। ଏହି ଅବସରରେ ଗୋକର୍ଣ୍ଣିକା ପୂଜ୍ୟପୂଜା ସମ୍ମାନ ପ୍ରଦାନ କରାଯିବ। ଏହି ଉତ୍ସବରେ ଉଦ୍‌ଘାଟକ ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ମୁଖ୍ୟଅତିଥିଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ମୁଖ୍ୟବକ୍ତା ଭାବେ ପ୍ରାବନ୍ଧିକ ଡ. ନାରାୟଣ ପଣ୍ଡା ଯୋଗଦେବେ ବୋଲି ଗୋକର୍ଣ୍ଣିକା ସାହିତ୍ୟ ସମାଜର ସଭାପତି ରମାକାନ୍ତ ଜେନା ଓ ସମ୍ପାଦକ ହୃଷିକେଶ ସାମଲ ଜାରକାଠାରେ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

## ବନ୍ଥପଲ୍ଲୀ ରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

କୁକୁଡ଼ାଖଣ୍ଡି (ଇପିଲି ପୂର୍ଣ୍ଣଚନ୍ଦ୍ର),(ପି.ଏନ): କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ବନ୍ଥପଲ୍ଲୀ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ କାମିନୀ ନାୟକ ଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ବିପ୍ଳବ ପାତ୍ର, କୁକୁଡ଼ାଖଣ୍ଡି ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ ।ଏଥିରେ ସମ୍ମାନିତ ଅତିଥି ରୂପେ ୯ନଂ ଜୋନ ଜିଲ୍ଲା ପରିଷଦ ମମତା ଦାସ ,୮ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟା ଶିବାନୀ ସେଠି, ସମିତି ସଭ୍ୟସୁନିତା ନାୟକ , ସହକାରୀ ମତ୍ସ୍ୟ ଅଧିକାରୀ ମୋନାଲିସା ମିଶ୍ର,ହର୍ଟିକଲଚ୍ଚର୍ ରାକେଶ ରୋଶନ ବେହେରା, କନିଷ୍ଠ ଯନ୍ତ୍ରୀ, ନାୟବ ସରପଞ୍ଚ କୃଷ୍ଣ ସ୍ୱାଇଁ,ଯୋଗାଣ ସହାୟକ ଅଟଳ ବିହାରୀ ପ୍ରଧାନ , ପିଇଓ ସ୍ମୃତି ପ୍ରିୟ ବେହେରା, ଜିଆରଏସ ନାଗେଶ୍ୱରୀ ଆଚାରୀ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଶ୍ରୀ ପାତ୍ର ନିଜ ବକ୍ତବ୍ୟରେ କହିଥିଲେ ଯେ, ବର୍ତ୍ତମାନ ରାଜ୍ୟ ସରକାରଙ୍କ ଦ୍ୱାରା ପଞ୍ଚାୟତ ସ୍ତରରେ ଭିତିଭୂମିର ବିକାଶ ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଅଧିକ ଗୁରୁତ୍ୱ ଦେଇଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଯୋଜନାକୁ କିପରି ଲୋକଙ୍କ ନିକଟରେ ପହଞ୍ଚି ପାରିବ ସେ ନେଇ ବିସ୍ତୃତ ଆଲୋଚ଼ନା କରିବା ସହ ମିଳିମିଶି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଶିବିରରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକ ସ୍ଥଳର ରୂପାନ୍ତରୀକରଣ, ମହିଳା ସଂଯୋଗୀକରଣ ଓ ଭିତିଭୂମି ର ବିକାଶ, ବ୍ୟାଙ୍କିଙ୍ଗ ଭିତିଭୂମିର ବିକାଶ, ପ୍ରାଥମିକ ବିଦ୍ୟାଳୟର ରୂପାନ୍ତରୀକରଣ, କ୍ରୀଡ଼ା ଭିତିଭୂମିର ବିକାଶ, ଐତିହ୍ୟ ଭିତିଭୂମିର ବିକାଶ, ପରିବହନ ବ୍ୟବସ୍ଥା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଆମ ହସ୍ପିଟାଲ, ମମତା ଯୋଜନା, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ରିଲିଫ ସହାୟତା, ମଧୁବାବୁ ପେନସନ ଯୋଜନା, ହରିଶ୍ଚନ୍ଦ୍ର ସହାୟତା ଯୋଜନା, ମୋ ଘର ଯୋଜନା, ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହ ବିଭିନ୍ନ କଲ୍ୟାଣକାରୀ ଯୋଜନା ବିଷୟରେ ସଚେତନତା କରାଯାଇଥିଲା ।ଏଥିରେ ଅନ୍ୟତମ ଅତିଥି ରୂପେ ବିଭିନ୍ନ ପଞ୍ଚାୟତରୁ ଆସିଥିବା କୁକୁଡାଖଣ୍ଡି ସରପଞ୍ଚ ବନ୍ଦନା ସେଠି , ବାଲିପଡ଼ା ସରପଞ୍ଚ ଲକ୍ଷ୍ମୀ ସେଠି, ରୋହିଗାଁ ସରପଞ୍ଚ ବଶିଷ୍ଠ ଜେନା, ଲାଞ୍ଜିଆ ସରପଞ୍ଚ ଅନିଲ ଗୌଡ଼,ବାଘଲଟି ସରପଞ୍ଚ ମାମି ସାସମଲ ଙ୍କ ସହ ସରପଞ୍ଚ ପ୍ରତିନିଧି ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ, ଏମବିକେ, ସିଆରପି, ଅଙ୍ଗନବାଡ଼ି ସୁପ୍ରଭାଇଜର, ଅଙ୍ଗନବାଡି କର୍ମୀ,ଆଶା କର୍ମୀଙ୍କ ସମେତ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ ଓ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ଜୁଲାଇ ୯

# ଚର୍ଚ୍ଚାରେ ନିଟ୍, ସଂଶୟରେ ମେଧାବୀଙ୍କ ଭବିଷ୍ୟତ



ବିଘ୍ନରାଜ ଦାଶ

ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଦ୍ୱାରା ପରିଚାଳିତ ଏନଇଇଟି ୟୁଜି କାଉନସେଲିଂକୁ ସ୍ଥଗିତ ରଖାଯାଇଛି । ପେପର ଲିକକୁ ନେଇ ବିବାଦ ଲାଗି ରହିଥିବାବେଳେ ଜୁଲାଇ ୬ ଶନିବାର ଏହି କାଉନସେଲିଂ ହେବାର ଥିଲା । ତେବେ ଖୁବ ଶୀଘ୍ର ନୂଆ ତାରିଖ ଘୋଷଣା କରାଯିବ ବୋଲି ଏନଟିଏ କହିଛି । ମେଡ଼ିକାଲ ପାଠ୍ୟକ୍ରମରେ ନାମ ଲେଖା ପାଇଁ ଉଦ୍ଦିଷ୍ଟ ଏନଇଇଟି ୟୁଜି ପରୀକ୍ଷାଫଳ ଜୁନ ୪ରେ ପ୍ରକାଶ ପାଇଥିଲା । ୬୭ ଜଣ ସର୍ବାଧିକ ୭୨୦ ମାର୍କ ରଖିଥିବାବେଳେ ସେମାନଙ୍କ ମଧ୍ୟରୁ ୬ଜଣ ଗୋଟିଏ ସେଣ୍ଟରରେ ପରୀକ୍ଷା ଦେଇଥିଲେ । ତେବେ ଏଥିରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଉଠିଥିଲା । ଏପରି କି ପେପର ଲିକକୁ ନେଇ ବିବାଦ ଉପୁଜିଥିଲା । ଏହି ଘଟଣାକୁ ନେଇ ଛାତ୍ରଛାତ୍ରୀ ଓ ବିଭିନ୍ନ ସଙ୍ଗଠନ ଆନ୍ଦୋଳନ ଜାରି ରଖିଥିବାବେଳେ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି । ଚଳିତ ବର୍ଷ ହୋଇଥିବା ଏନଇଇଟି-ୟୁଜି ପରୀକ୍ଷାକୁ ବାତିଲ କରିବା ପାଇଁ ସୁପ୍ରିମକୋର୍ଟରେ ଆବେଦନ ହୋଇଛି । ଏଥିଯୋଗୁ ଏହାର କାଉନସେଲିଂକୁ ସ୍ଥଗିତ ରଖାଯାଇଥିବା କୁହାଯାଉଛି । ତେବେ କାଉନସେଲିଂ କେବେ ହେବ ସେ ନେଇ କୌଣସି ସ୍ପଷ୍ଟତା ଆସି ନଥିବାବେଳେ ଖୁବଶୀଘ୍ର ତାରିଖ ଘୋଷଣା କରାଯିବ ବୋଲି ଏନଟିଏ କହିଛି । ସେପଟେ ଆସନ୍ତା ୮ ତାରିଖରେ ସୁପ୍ରିମକୋର୍ଟରେ ମାମଲାର ଶୁଣାଣିକୁ ଏନଟିଏ ଅପେକ୍ଷା କରିଥିବା କୁହାଯାଉଛି । ଶୁଣାଣି ପରେ କାଉନସେଲିଂ ନେଇ ଏନଟିଏ ନିଷ୍ପତ୍ତି ନେବ ବୋଲି ଜଣାପଡ଼ିଛି । ଆମ ସମାଜରେ ଦ୍ୱିତୀୟ ଭଗବାନ ଭାବେ ଡାକ୍ତରୀ ବୃତ୍ତିକୁ ମର୍ଯ୍ୟାଦା ଦିଆଯାଏ ଏବଂ ଏହି ମର୍ଯ୍ୟାଦାଜନକ ଓ ତୀବ୍ର ପ୍ରତିଯୋଗିତା ମୂଳକ ବୃତ୍ତି ପାଇଁ ଆବଶ୍ୟକ ପଡ଼ିଥାଏ ନିଟ୍ ପରୀକ୍ଷା । କିନ୍ତୁ ଚଳିତଥର ଏହି ନିଟ୍ ବ୍ୟବସ୍ଥା ଏପରି ଆଲୋଡ଼ନ, ଆଲୋଚନା ସୃଷ୍ଟି କରିଛି ଯେ ଯାହା ପୂର୍ବରୁ କେବେ ହୋଇନଥିଲା । ଚଳିତ ନିଟ ପରୀକ୍ଷାରେ ପ୍ରାୟ ଏକ ଲକ୍ଷ ସିଏକି ଏମବିବିଏସ ସିଟ ଲାଗି ପ୍ରାୟ ୨୪ ଲକ୍ଷ ପରୀକ୍ଷାର୍ଥୀ ଆବେଦନ କରିଥିଲେ, ଅର୍ଥାତ୍ ପ୍ରତି ଆସନ ଲାଗି ପ୍ରାୟ ୨୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରତ । ଏଭଳି ସ୍ଥଳେ ଛାତ୍ରଛାତ୍ରୀ ମାନଙ୍କ ପ୍ରସ୍ତୁତି ଓ ପ୍ରତିଦ୍ୱନ୍ଦ୍ୱିତାର ସ୍ତର କିଭଳି ଉଚ୍ଚ ହୋଇଥାଏ, ତାହା କେବଳ ଅନୁମାନସାପେକ୍ଷ । ଏହି କାରଣରୁ ରାଜସ୍ଥାନର କ୍ଷେତ୍ର ପାଲଟି କୋଟା ତହିଁରେ ଥିବା ମେଡ଼ିକାଲ ଓ ଇଂଜିନିୟରିଂ କୋଚିଂ ସେଣ୍ଟର ଗୁଡ଼ିକ ସକାଶେ ଚୁମ୍ବକୀୟ ଆକର୍ଷଣ କ୍ଷେତ୍ର ପାଲଟି କିଭଳି ଏକ କିମ୍ବଦନ୍ତୀ ସ୍ୱରୂପ ଲାଭ କଲାଣି, ତାହା ଦେଶ ବିଦେଶରେ ଚର୍ଚ୍ଚାର ବିଷୟବସ୍ତୁ ହୋଇଛି ।

ଏନଇଟି-ୟୁଜି ପରୀକ୍ଷାରେ ଅନିୟମିତତା ଓ ରେଜଲ୍ଟ ବିଭ୍ରାଟ ସମଗ୍ର ଭାରତରେ ଆଲୋଡ଼ନ ସୃଷ୍ଟି କରିଛି । ଏହାକୁ ନେଇ ଦିନକୁ ଦିନ ନାନା ବିବାଦ ସୃଷ୍ଟି ହେଉଥିବାବେଳେ ଚଳିତ ବର୍ଷ ମେଡ଼ିକାଲ ଓ ଫେଲୋସିପ ପରୀକ୍ଷାରେ ବୈଷୟିକ ତ୍ରୁଟି, ପ୍ରଶ୍ନପତ୍ର ପ୍ରଘଟ ଓ ପ୍ରକ୍ସି ପରୀକ୍ଷାର୍ଥୀ ହାଉଜାଉ ହେବା ସହିତ ଜାଣି ଶୁଣି କେତେ ଜଣଙ୍କୁ ଗ୍ରେସ ମାର୍କ ଦିଆଯିବା ବିଷୟ ପଦାକୁ ଆସିବା ପରେ ଖୋଳତାଡ଼ ଆରମ୍ଭ ହେବା ସହ ଏହା ହଇଚଇ ସୃଷ୍ଟି କରିଛି । ଚଳିତ ୨୦୨୪ରେ ପ୍ରାୟ ୨୪ ଲକ୍ଷ ୬ ହଜାର ୭୯ ପରୀକ୍ଷାର୍ଥୀଙ୍କ ଭିତରୁ ୨୩ ଲକ୍ଷ ୩୩ ହଜାର ୨୯୭ ପରୀକ୍ଷାର୍ଥୀ ୧ ଲକ୍ଷ ୬ ହଜାର ୩୩୩ (ଏମବିବିଏସ) ଓ ୨୬ ହଜାର ୯୪୯ (ବିଡ଼ିଏସ) ସହିତ ଅନ୍ୟାନ୍ୟ ସିଟ ପାଇଁ ପରୀକ୍ଷା ଦେଇଥିବାବେଳେ ଏଥରର ପରୀକ୍ଷାଫଳ ପିଲାମାନଙ୍କ ସହିତ ଅଭିଭାବକ ମାନଙ୍କୁ ମଧ୍ୟ ଚକିତ କରିଦେଇଛି । ପ୍ରଶ୍ନପତ୍ର ପ୍ରଘଟ ନିରୋଧ ଆଇନାନୁସାରେ ଆଜି କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି । ଏଥିରେ ଅନ୍ୟ ପରୀକ୍ଷା ସହ କମ୍ପ୍ୟୁଟର ପର୍ଯ୍ୟବେସିତ ପରୀକ୍ଷା ଗୁଡ଼ିକ ନିମନ୍ତେ ଜାତୀୟ ନିଯୁକ୍ତି ସଂସ୍ଥା ଆବଶ୍ୟକ ଏସଓପି ଜାରି କରିବାକୁ ବାଧ୍ୟତାମୂଳକ କରାଯାଇଛି । ଏସଓପିରେ ପରୀକ୍ଷା କେନ୍ଦ୍ରର ପ୍ରାକ ନିରୀକ୍ଷଣ, ପରୀକ୍ଷା କେନ୍ଦ୍ର ନିକଟରେ ପ୍ରାର୍ଥୀଙ୍କୁ ଯାଞ୍ଚ, ବାୟୋମେଟ୍ରିକ ପଞ୍ଜୀକରଣ, ସୁରକ୍ଷା ଓ ସ୍କ୍ରିନିଂ ପରୀକ୍ଷା କେନ୍ଦ୍ରରେ ବସିବା ସ୍ଥାନର ବ୍ୟବସ୍ଥା, ପ୍ରଶ୍ନପତ୍ର ସେଟିଂ ଏବଂ ପରୀକ୍ଷା ପରବର୍ତ୍ତୀ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ବିସ୍ତୃତ ନୀତି ରହିବ । ପ୍ରଥମେ ୟୁଜି-ନିଟ ଏବଂ ପରେ ୟୁଜିସି - ନିଟ ପରୀକ୍ଷାରେ ତ୍ରୁଟି ସାମ୍ନାକୁ ଆସିବା ପରେ ଏନଟିଏର କାର୍ଯ୍ୟଦକ୍ଷତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କାରଣ ଏନଟିଏ ଏଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ଦାୟିତ୍ୱ ତୁଲାଇଥାଏ । ପ୍ରଶ୍ନପତ୍ର ପ୍ରସ୍ତୁତି ସହ ପରୀକ୍ଷା କେନ୍ଦ୍ର ନିର୍ଦ୍ଧାରଣ, ପେପର ଯାଞ୍ଚ କଥା ମଧ୍ୟ ବୁଝିଥାଏ ଏହି ସ୍ୱୟଂଶାସିତ ସଂସ୍ଥା । ତେବେ ଯେଉଁଭଳି ଭାବେ ଏହିଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ ତ୍ରୁଟି ବିଚ୍ୟୁତି ସାମ୍ନାକୁ ଆସିଛି, ତାହା ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧାରକୁ ନେବା ସହ ସରକାରଙ୍କୁ ଟାଣିଛି କାଠଗଡ଼ାକୁ । ବର୍ତ୍ତମାନ ପ୍ରଶ୍ନ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଛାତ୍ରଛାତ୍ରୀଙ୍କୁ କିଭଳି ମିଳିବ ନ୍ୟାୟ ? ପୂର୍ବରୁ ମେଡ଼ିକାଲ ଶିକ୍ଷା ପାଇଁ ବିଭିନ୍ନ ରାଜ୍ୟରେ ପ୍ରବେଶିକା ପରୀକ୍ଷା ଏବଂ ସର୍ବଭାରତୀୟ କ୍ଷେତ୍ରରେ ଏ.ଆଇ.ପି.ଏମ୍.ଟି ପରୀକ୍ଷା ସମାନ୍ତରାଳ ଭାବେ ଚାଲୁଥିଲା । ପଥମତଃ ପଞ୍ଜୀକରଣରୁ ହିଁ ଚଳିତ ବର୍ଷ ନିଟ ପରୀକ୍ଷାର ଅନିୟମିତତାର ଅଭିଯୋଗ ଉଠିଥିଲା । ଏକ ତଥ୍ୟ ଅନୁଯାୟୀ ୨୦୧୯-୨୧ ମଧ୍ୟରେ ଆମ ଦେଶରେ ପ୍ରାୟତ ୩୫,୦୦୦ ଶିକ୍ଷାର୍ଥୀ ଆତ୍ମହତ୍ୟା କରିଛନ୍ତି । ଶିକ୍ଷା ବ୍ୟବସ୍ଥାରେ ସାମାଜିକ ଓ ଆର୍ଥିକ ବୈଷମ୍ୟ ହିଁ ଏଥିପାଇଁ ମୂଳତଃ ଦାୟୀ । ଡାକ୍ତରୀ ଶିକ୍ଷାର କେନ୍ଦ୍ରୀକରଣ ଓ ବ୍ୟବସାୟୀକରଣ ହେବା ଦ୍ୱାରା ସଂଘୀୟ ବ୍ୟବସ୍ଥା ବ୍ୟାହତ ହେବା ସହ ଡାକ୍ତରୀ ପେଷାର ମୂଲ୍ୟବୋଧରେ ଅବକ୍ଷୟ ଘଟିଥିବା ମଧ୍ୟ ମତ ପ୍ରକାଶ ପାଇଛି । ୨୦୨୧ ମସିହାରେ ତାମିଲନାଡୁରେ ଏ କେ ରାଜନଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ରିପୋର୍ଟ ଅନୁଯାୟୀ ନିଟ ପରୀକ୍ଷା ଗ୍ରାମାଞ୍ଚଳ ଓ ଗରିବ ପିଲାଙ୍କୁ ଡାକ୍ତରୀ ଶିକ୍ଷାରୁ ବଞ୍ଚିତ କରୁଛି । ଏସଓପିରେ ପରୀକ୍ଷା କେନ୍ଦ୍ରର ପ୍ରାକ ନିରୀକ୍ଷଣ, ପରୀକ୍ଷା କେନ୍ଦ୍ର ନିକଟରେ ପ୍ରାର୍ଥୀଙ୍କୁ ଯାଞ୍ଚ, ବାୟୋମେଟ୍ରିକ ପଞ୍ଜୀକରଣ, ସୁରକ୍ଷା ଓ ସ୍କ୍ରିନିଂ ପରୀକ୍ଷା କେନ୍ଦ୍ରରେ ବସିବା ସ୍ଥାନର ବ୍ୟବସ୍ଥା, ପ୍ରଶ୍ନପତ୍ର ସେଟିଂ ଏବଂ ପରୀକ୍ଷା ପରବର୍ତ୍ତୀ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ବିସ୍ତୃତ ନୀତି ରହିବ । ଏହି ଧାରା ଜାରି ରହିଲେ ଭବିଷ୍ୟତରେ ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ଏହା ଏକ ବଡ଼ ଆହ୍ୱାନ ସୃଷ୍ଟି କରିବ ।

ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଆଗରେ ଦୁଇଟି ପ୍ରଶ୍ନ । ପ୍ରଥମଟି ହେଲା ଏ ବର୍ଷ ନିଟ-ୟୁଜି ପରୀକ୍ଷା ଦେଇଥିବା ପ୍ରାୟ ୨୪ ଲକ୍ଷ ଛାତ୍ରଛାତ୍ରୀଙ୍କ ପ୍ରତି କିଭଳି ନ୍ୟାୟ କରାଯିବ ? ସୁପ୍ରିମକୋର୍ଟ ଏ ପର୍ଯ୍ୟନ୍ତ ନାମଲେଖା କାଉନସେଲିଂ ପ୍ରକ୍ରିୟା ଉପରେ ରହିତାଦେଶ ଦେଇନାହାନ୍ତି । ଆସନ୍ତା ଜୁଲାଇ ୬ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଏହି କାଉନସେଲିଂ ପ୍ରକ୍ରିୟାରେ ଯେଉଁମାନେ ନାମଲେଖା ପାଇଁ କଲେଜ ଚୟନ କରିସାରିବେ ସେମାନେ ସେଇଠି ନାମ ଲେଖାଇବା ସୁନିଶ୍ଚି ତ ? ଯୋଗ୍ୟ ପରୀକ୍ଷାର୍ଥୀ ଓ ସେମାନଙ୍କ ଅଭିଭାବକମାନେ ଏଥିପାଇଁ କି ପ୍ରକାର ମାନସିକ ଚାପରେ ଥିବେ ତାହା ସହଜରେ ଅନୁମେୟ । ଏକ ତ ନିଟ-ୟୁଜି ପରୀକ୍ଷା ପାଇଁ ପିଲାମାନେ ବର୍ଷ ବର୍ଷ ଧରି କୋଚିଂ କ୍ଲାସରେ ନାଁ ଲେଖାଇ ଖର୍ଚ୍ଚାନ୍ତ ହୋଇ ପ୍ରସ୍ତୁତି କରୁଛନ୍ତି । ତାହା ପୁଣି ପରୀକ୍ଷାର୍ଥୀଙ୍କୁ ଯେଭଳି କଠିନ ପ୍ରତିଯୋଗିତା ଓ ମାନସିକ ଚାପର ସମ୍ମୁଖୀ କରାଉଛି ସେଥିରେ ସହି ନପାରି ଅନେକ ଛାତ୍ର ଆତ୍ମହତ୍ୟା କରୁଛନ୍ତି ଅଥବା କୋଚିଂ ଛାଡ଼ି କଳାଉଛନ୍ତି । ତା ପରେ ଯଦି ପରୀକ୍ଷା ଫଳ ପ୍ରକାଶନ ଓ ପରବର୍ତ୍ତୀ କାଉନସେଲିଂ ପ୍ରକ୍ରିୟା ଏଭଳି ଘୋର ଅନିଶ୍ଚିତତା ମଧ୍ୟରେ ଝୁଲି ରହିବ ତେବେ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ମନସ୍ଥିତି ସହଜେ ଅନୁମେୟ । ଦ୍ୱିତୀୟ ପ୍ରଶ୍ନଟି ହେଲା ବର୍ତ୍ତମାନର ନିଟ ପରୀକ୍ଷା ଓ ମୂଲ୍ୟାଙ୍କନ ପ୍ରକ୍ରିୟାରେ କେଉଁଠି ତ୍ରୁଟି ବିଚ୍ୟୁତି ରହୁଛି ତାହା ଅନୁଧ୍ୟାନ କରି ସୁଧାରିବା ପାଇଁ ଯେଉଁ ସାତଜଣିଆ ବିଶେଷଜ୍ଞ କମିଟିକୁ ଦାୟିତ୍ୱ ଦିଆଯାଇଛି ସେମାନେ ମଧ୍ୟ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବା ପାଇଁ ତରବର ନହୋଇ ଆବଶ୍ୟକୀୟ ସମୟ ନେଇ ଅନୁଧ୍ୟାନ ଓ ସୁପାରିସ କରିବା ଆବଶ୍ୟକ । ଏନଟିଏ ସ୍ଥାପନ ହେବା ଦିନଠାରୁ କେତେ ଗୁଡ଼ିଏ ଅଘଟଣ ଘଟୁଥିବାରୁ ସେହି ଅନୁଷ୍ଠାନର କାର୍ଯ୍ୟ ଦକ୍ଷତା ଓ ସାଧୁତା ଉପରେ ସନ୍ଦେହ ଉପୁଜିବା ସ୍ୱାଭାବିକ । ଏ ସବୁ ଅନିୟମିତା, ଅନିଶ୍ଚିତତା, ରାଜନୀତି କୋଳାହଳ ଓ ନ୍ୟାୟିକ ପ୍ରକ୍ରିୟାରେ ପୃଷ୍ଠଭୂମିରେ ଏକ ଦକ୍ଷ, ସ୍ୱଚ୍ଛ ଓ ଛାତ୍ରମଙ୍ଗଳ ଅନୁକୂଳ କେନ୍ଦ୍ରୀୟ ପରୀକ୍ଷଣ ଏଜେନ୍ସିକୁ ଭାଙ୍ଗି ଦେବା ପାଇଁ କୌଣସି ପଦକ୍ଷେପ ନେବା ଉଚିତ ହେବନାହିଁ । ପ୍ରବେଶିକା ପରୀକ୍ଷା ବିକେନ୍ଦ୍ରୀକରଣ ତଥା ଘରୋଇକରଣ ଯେ ସାମ୍ପ୍ରତିକ ସମସ୍ୟାର ସମାଧାନ ନୁହେଁ, ଏକଥା ସମସ୍ତଙ୍କୁ ମନେ ରଖିବାକୁ ହେବ ।

*ଫିଜିକ୍ସୱାଲା କାର୍ଯ୍ୟାଳୟ, ଅରୁଣଦୋୟ ମାର୍କେଟ, ଲିଙ୍କରୋଡ଼, କଟକ*

# ଅର୍ଦ୍ଧାସନୀ ବା ମାଉସୀ ମା



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅବସରରେ ଅନେକ ଆଧ୍ୟାତ୍ମିକ ଶ୍ରଦ୍ଧାଳୁଙ୍କ ଭିତରେ ମହାପ୍ରଭୁଙ୍କ ମାଉସୀ ମାଆଙ୍କୁ ନେଇ ଉତ୍ସୁକତା, ଆବେଗ ରହିବା ସ୍ୱାଭାବିକ । ମହାପ୍ରଭୁ ରଥଯାତ୍ରାରେ ତାଙ୍କ ମାଉସୀ ମାଆଙ୍କ ଘରକୁ ଯାଉଥିବାରୁ ଆଜି ଆମେ ଏହି ପ୍ରସଙ୍ଗ ଉପରେ ସମ୍ୟକ ଆଲୋକପାତ କରୁଛୁ । ପୁରୁଷୋତ୍ତମର ଅଶ୍ୱମେଧ ପୂର୍ଣ୍ଣ ସାତ୍ତ୍ୱିକରୀତିରେ ନୃସିଂହଙ୍କୁ ସ୍ଥାପନକରି କରାଯାଇଥିଲା । ଅର୍ଦ୍ଧଶୋଷଣୀଙ୍କୁ ପ୍ରାପନକ ପ୍ରଦାନ କରାଯାଇଥିଲା । ବର୍ଦ୍ଧନୀଜଳର ଅର୍ଦ୍ଧେକ ଦିଆଯାଉଥିବାରୁ ଅର୍ଦ୍ଧାଶନୀ ବା ମାଉସୀ ମା'ଙ୍କ ବିଷୟରେ ଏଠାରେ କିଛି ଆଲୋଚନା ପ୍ରାସଙ୍ଗିକ ହେବ । ମାଉସୀମା ମନ୍ଦିର ନାମଟି ପୁରୀ ଛାଡ଼ିଦେଲେ ସର୍ବତ୍ର ଗୁଣ୍ଡିଚା ମଣ୍ଡପର ଡାକ ନାମରେ ପରିଚିତ ଓ ବ୍ୟବହୃତ । ଏହି ବିଷୟରେ ଜାଣିବାର କଥା ଯେ ପୁରୀ ରଥ ପଥର ବାମ ଦିଗରେ ଏକ କ୍ଷୁଦ୍ର ପ୍ରାଚୀନ ମନ୍ଦିର ଅଛି । ତାହାର ନାମ ମାଉସୀମା ମନ୍ଦିର । ଆଡ଼ପ ମଣ୍ଡପ ମଧ୍ୟ ବାଜିମେଧ ଯଜ୍ଞର ଯୁପଶକ୍ତି ବୋଲି କୁହାଯାଇପାରେ । ଅର୍ଦ୍ଧାଶନୀ ବା ଗୁଣ୍ଡିଚା ମନ୍ଦିରର ନାମ ମାଉସୀମା ମନ୍ଦିର ନୁହେଁ ବିଶେଷତଃ ପୁରୀରେ । ଏଠାରେ ପ୍ରଶ୍ନ ହେଉଛି ଏକେତ ପ୍ରଭୁ ଜଗନ୍ନାଥ ଅପୌରୁଷେୟ ତତ୍ତ୍ୱର ପ୍ରତୀକ, ଜଗନ୍ନାଥ ବିଗ୍ରହ ରହସ୍ୟର ମୂଳକ ବିଗ୍ରହ ଯାହାଙ୍କର ନାମ ଇନ୍ଦ୍ରନୀଳମୂର୍ତ୍ତି । ସେ ଅପ୍ରାକୃତିକ ଓ ସ୍ୱାଭାବିକ ବିଗ୍ରହ । ଶାଳଗ୍ରାମ, ନର୍ମଦେଶ୍ୱର ମୂର୍ତ୍ତି ଭଳି । ଜଗନ୍ନାଥ କାହାର ପୁତ୍ର ନୁହନ୍ତି କି ଭାଇ ନୁହନ୍ତି, ଯାତାୟାତ ପ୍ରସଙ୍ଗରେ ସେ ପୃଥକ । ଅର୍ଥାତ୍ ଅଯୋନିସମ୍ଭୁତ । ଅଯୋନିସମ୍ଭୁତ ପୁରୁଷୋତ୍ତମ ବହୁପରେ କୃଷ୍ଣବାସୁଦେବ ପୂଜନ ପଦ୍ଧତିରେ ପୂଜିତ ହେଲେ, ପ୍ରଥମେ ସେ ପ୍ରଣବ ନୃସିଂହାଦି ମନ୍ତ୍ରରେ ପୂଜା ହେଉଥିଲେ । ତାଙ୍କର ମାତା ନାହିଁ । ତେବେ ମାଉସୀ ଶବ୍ଦ କିପରି ଆସିଲା ? ତେବେ କଅଣ ଏହା ଏକ ଲୋକକଥାର ପ୍ରତୀକ ଉକ୍ତି ବା ଏ ଅହେତୁକ ନାମ ଲୋକକଥାରୁ ଆସିଯାଇଅଛି । ଏଥିପାଇଁ ମାଉସୀମାଙ୍କର ରହସ୍ୟଟି ଆଜିର ଅନୁଚିନ୍ତା । ଏହା ବିଦିତ ଯେ ଶ୍ରୀଜଗନ୍ନାଥ ମନ୍ଦିରରେ ମା ଯୋଗମାୟା, ବିଷ୍ଣୁମାୟା, ସୁଭଦ୍ରିତା କୃଷ୍ଣବଳରାମ ବା ନାରାୟଣ ଆଦିଶେଷଙ୍କ ମଧ୍ୟରେ ବିରାଜିତା । ସେ ଶ୍ରୀକ୍ଷେତ୍ରର ଦେବୀ ଉପାସନାର ପରମାଦେବୀ । ସେ ସର୍ବଦେବୀତତ୍ତ୍ୱର ମୂଳଧାର ସେ ପ୍ରକୃତି ରୂପିଣୀ ଅଟନ୍ତି । ସ୍କନ୍ଦ ପୁରାଣୋକ୍ତ ଉତ୍କଳଖଣ୍ଡରେ ତାହାଙ୍କୁ ଲକ୍ଷ୍ମୀ ଜଗଦମ୍ବିକା ରୂପରେ ଗ୍ରହଣ କରାଯାଇଛି । 'ଲକ୍ଷ୍ମୀଂ ଲକ୍ଷ୍ମୀଶ-ହୃଦୟପଙ୍କଜସ୍ଥାଂ ପୃଥକସ୍ଥିଂତାମ୍ । ବିରାବଜଧାରିଣୀଂ ଦେବୀଂ ଦିବ୍ୟନେପଥ୍ୟ-ଭୂଷଣାମ୍ ।। ପ୍ରପନ୍ନକଳ୍ପଲତିକାଂ ସର୍ବକ୍ଲେଶନାଶିନୀମ ।' ପୁଣି ସ୍କନ୍ଦ ପୁରାଣୋକ୍ତ ଉତ୍କଳଖଣ୍ଡର ୨୧ ଅଧ୍ୟାୟରେ କୁହାଯାଇଛି । 'ତର୍ଯ୍ୟୋମଧ୍ୟେ ସ୍ଥିତାଂ ଲକ୍ଷ୍ମୀଂ ସୁଭଦ୍ରାଭଦ୍ରରୂପିଣାମ୍ । ସୀତାଂଙ୍କୁକୁମାରୁଣ ଦେହାଂ ସା ସାକ୍ଷାତ୍ ଲକ୍ଷ୍ମୀମିବାପରମ ।' ତେଣୁ ଏଥିରୁ ଜଣାଯାଉଛି ସୁଭଦ୍ରା ସାକ୍ଷାତ ଲୋକମାତା 'ମା' ଅଟନ୍ତି । ସର୍ବଲୋକ ଜନନୀରୂପେ ସେ ସଂପୃକ୍ତି ଶାସ୍ତ୍ରମାନଙ୍କରେ ସୁବିଦିତା । ଗୋଟିଏ ପ୍ରସଙ୍ଗରୁ ଜଣାଯାଏ ଯେ ମହାପ୍ରଳୟ କାଳରେ ପୁରୁଷୋତ୍ତମ କ୍ଷେତ୍ରସ୍ଥ ରୋହିଣୀ କୁଣ୍ଡରୁ କାରଣୋଦକ ନିଃସୃତ ହୋଇ ମହାପ୍ରଳୟ ଘଟାଇବା ପରେ ପୁଣି ସେହି କୁଣ୍ଡରେ ଲୀନ ହୋଇଯାଇଥାଏ । 'ଅତ୍ର ପ୍ରତିଷ୍ଠିତ ବାରି ପ୍ରଳୟେ ଯତ୍ ପ୍ରବର୍ଦ୍ଧତେ । ଅତୈବ ଲୀୟତେ ପଶଚାତତସ୍ମାତନୈହିଣ ସଂଜ୍ଞିତ ।।' ଏହି ଜଳପ୍ରଳୟ ଯୁଗାବର୍ତ୍ତନ କାଳରେ ଘଟିଥାଏ । ଥରେ ପ୍ରଳୟ ପରେ ସେ ଜଳ କୁଣ୍ଡ ମଧ୍ୟରେ ଲୀନ ହେଲାନାହିଁ ତହୁଁ ମା ଲକ୍ଷ୍ମୀ ବିଷ୍ଣୁମାୟା ଯୋଗମାୟାଙ୍କ ଠାରେ ଏମନ୍ତ ଘଟଣା କୁହନ୍ତେ, ଯୋଗମାୟା ସ୍ୱ-ଗାତ୍ରରୁ ଏକ ଶକ୍ତି ଜାତକରି ପ୍ରଳୟୋଦକକୁ ଶୋଷଣ ନିମନ୍ତେ ଆଦେଶ ଦେଲେ । ସୃଷ୍ଟି ଦେବୀ ଅଗସ୍ତି ସମୁଦ୍ର ଜଳକୁ ଚଳୁ କଲାପରି ପ୍ରଳୟୋଦକକୁ ଶୋଷଣ କରିଦେବାରୁ କ୍ଷେତ୍ର ରକ୍ଷା ହେଲା । ଶବରଶ୍ରେଣୀଙ୍କ ନିବାସ ସ୍ଥଳି ଶବର ଦ୍ୱୀପ ରକ୍ଷା ପାଇଲା । ଶବରମାନେ ସେହିଦିନ ଠାରୁ ପଶ୍ଚିମ ଦିଗରୁ ବସତି ଉଠାଇ ଉତ୍ତର ଦିଗରେ ବାସକଲେ ଓ ଉକ୍ତ ଅର୍ଦ୍ଧଶୋଷଣୀଙ୍କୁ ଇଷ୍ଟଦେବୀ ରୂପରେ ପୂଜା କଲେ । ସେ କ୍ଷେତ୍ରର ଆରାଧିତା ଶକ୍ତି ମଧ୍ୟରେ ଅନ୍ୟତମ । ଇନ୍ଦ୍ରନୀଳମଣି ପୁରାଣ ବା ସ୍ଥଳପୁରାଣରେ ରୋହିଣକୁଣ୍ଡ ପ୍ରଶସ୍ତିରେ କୁହାଯାଇଛି । 'ଯୋଗମାୟାଙ୍ଗସମ୍ଭୁତାଂ ପ୍ରକୟୋଦଳ ଶୋଷିଣୀ, ଅର୍ଦ୍ଧାଶନୀ ମହାଦେବୀ କ୍ଷେତ୍ର ରକ୍ଷା ବିଧାୟିନୀ ।।' ସେହି ଦେବୀ ବଡ଼ଦାଣ୍ଡରେ ଦୟିତାପଡ଼ା ସାହିତର ପାର୍ଶ୍ୱଦେଶରେ ଅବସ୍ଥିତା । ନାମ ତାଙ୍କର ଅର୍ଦ୍ଧାଶନୀ ବା ମାଉସୀମା । ଦୟିତା ବା ଶବରାର୍ଚ୍ଚକମାନେ ତାହାଙ୍କୁ ପୂଜନ କରନ୍ତି । ଭକ୍ତିଚିତ୍ତରେ ବ୍ରାହ୍ମଣମାନେ ନିତ୍ୟାର୍ଚ୍ଚନା କରୁଅଛନ୍ତି । ସେହିଠାରେ ବାହୁଡ଼ା ଦଶମୀ ଦିନ ପୁବେଡାଶ ବା ପୋଡ଼ପିଠା ଭୋଗଲାଗେ । ସ୍ଥଳ ପୁରାଣୋକ୍ତ ପୁରୁଷୋତ୍ତମ କ୍ଷେତ୍ରମହାତ୍ମ୍ୟ ଶଙ୍ଖକ୍ଷେତ୍ରର ବର୍ଣ୍ଣନା ପ୍ରସଙ୍ଗରେ ଚତୁର୍ଥ ଅଧ୍ୟାୟରେ ତାଙ୍କର ନାମ ଉଲ୍ଲେଖ କରିଛନ୍ତି । ଅର୍ଦ୍ଧାଶନୀ ତଥା ଲମ୍ବା କୁବେର ଦିଶି ସଂସ୍ଥିତାଂ ୪/୩୦ ସେହି କ୍ଷେତ୍ରଶକ୍ତିଙ୍କର ଧ୍ୟାନରୁ ଜଣାପଡ଼େ ସେ ଦିଭୁଜା ମାଳା ଓ ଅଭୟ ମୁଦ୍ରା ବିଭୂଷିତା । ବିଷ୍ଣୁଙ୍କର ପ୍ରିୟ ଦେବୀ ଓ ପ୍ରଳୟବାରି ଶୋଷଣକାରିଣୀ ।

ଜ୍ଞାନ ଅଜ୍ଞାନ ପ୍ରସଙ୍ଗରେ ଜ୍ଞାନଶକ୍ତି ପରାଶକ୍ତିଙ୍କ କାର୍ଯ୍ୟକାରିତାକୁ ନେଇ ଉପରୋକ୍ତ ଶବ୍ଦର ଅର୍ଥ ହେଲା ଯିଏ ହୃଦୟର ଅଜ୍ଞାନତାକୁ ଭେଦ ବା ଶୋଷଣ କରନ୍ତି ଯେ ସେ ଅର୍ଦ୍ଧଶୋଷଣୀ ଶକ୍ତି ଅଟନ୍ତି । କାଳିଦାସ କବି କୁମାରସମ୍ଭବ କାବ୍ୟ ସମ୍ଭାରରେ କହନ୍ତି, ଅଶନୀ ଶବ୍ଦ ଶୋଷଣ କ୍ରିୟାର ରୂପାନ୍ତର ଅଟେ ଯଥା - 'ଅଶନେରସ୍ତୃତସ୍ୟ ଚୋଭୟ ଚିଶିନ୍ ଶ୍ୱାମୁଧାରାଷ୍ଟ ଯୋନୟଃ ।' ତେଣୁ ଶୋଷଣ କ୍ରିୟାକୁ କେନ୍ଦ୍ର କରି ଉକ୍ତ ଦେବୀଙ୍କର ନାମ କରଣ ହୋଇଛି । ସେ ଦେବୀ ଅଖିଳ ଜନ ସମାଜର ମାତୃ ଭଗ୍ନୀ ହୋଇଥିବାରୁ ସୁଭଦ୍ରା ରୂପିଣୀଙ୍କର ଏଭଳି ରୁପଯୁକ୍ତା ଅର୍ଦ୍ଧାଶନୀ ମାଉସୀମା କତ୍ଫତ ହେବାରେ କିଛି ଅବାନ୍ତରତା ନାହିଁ ସେ ବାସ୍ତବରେ ଜନମାନଙ୍କର ମାଉସୀମା ମାତ୍ର ଜଗନ୍ନାଥଙ୍କର ମା ନାହାନ୍ତି ମାଉସୀମା ଆସିବେ କୁଆଡୁ ? ସେ ତ ଜଗତର ସୃଜନଶାଳୀ ପ୍ରଭୁ । ତାଙ୍କର ଇଙ୍ଗିତରେ ସୃଷ୍ଟିର ନୀରବତା ବା ତମସା ଭାବକୁ ଭେଦ କରି ତାଙ୍କରି ନାଭିକମଳରୁ ଏକ ପଦ୍ମ ଜାତ ହେଲା, ସେହି ପଦ୍ମରୁ ଜାତ ହେଲେ ପ୍ରଜାପତି ବା ପ୍ରଥମ ପବିତ୍ର ଜୀବରୂପ । ପ୍ରଭୁ ବ୍ରହ୍ମ ଏକ ଥିଲେ ସୃଷ୍ଟିକ୍ରିୟା ପୂର୍ବରୁ । ଏବେ ସ୍ରଷ୍ଟା ରୂପରେ ମାୟାରୂପକ ପଦ୍ମ ଓ ଜୀବଚୈତନ୍ୟ ରୂପକ ପ୍ରଜାପତିଙ୍କୁ ସୃଷ୍ଟି କଲେ । ତେଣୁ ମୂଳରେ ପରବ୍ରହ୍ମ ବିଷ୍ଣୁମାୟା । ସନାତନୀ ଓ ପ୍ରଜାପତି ଜୀବ ଜନକ ଏହି ତିନି ଜଣଙ୍କର ଉଦଭବ ହେଲା । ସେ ୧ ଥିଲେ, ୩ ହେଲେ । ବିଶ୍ୱପ୍ରକୃତିରୁ ପ୍ରଭୁଙ୍କର ସଗୁଣତାର ସୃଷ୍ଟି, ସଗୁଣ ବ୍ରହ୍ମଙ୍କର ମାୟିକ ବିକାଶରୁ ମାୟାଙ୍କର ଉଦ୍ଭବ ଲୀଳା । ସେଥିରେ ଜୀବ ମାୟାମୟ ଜଗତରେ କ୍ରୀଡ଼ା କରୁଛି । ଏହି ଦୃଷ୍ଟିରୁ ମାୟା ବିଶ୍ୱ ପ୍ରକୃତି ବା ସାଖ୍ୟ ଜନନୀର ସୁହଜାତା ପୁରୁଷୋତ୍ତମଙ୍କର ତତ୍ତ୍ୱ ମାତୃକାଙ୍କର ଭଗିନୀ ମାଉସୀମା ହୋଇପାରନ୍ତି । ପରନ୍ତୁ, ଏହି ତତ୍ତ୍ୱ ପ୍ରତିମା ତତ୍ତ୍ୱଠାରୁ ବହୁ ଦୂରରେ । ଏହି ଅର୍ଦ୍ଧାଶନୀ ଶବର ସେବକମାନଙ୍କ କୂଳଦେବୀଭାବରେ ଗୃହୀତ ଓ ଏହି ନିବାସ ଭୂମିର ଅନ୍ୟ ଦିଗରେ ଶବର ସେବକ ବା ଦାୟିତ୍ୱାପାଳଙ୍କର ଯଜ୍ଞେଶ୍ୱରୀ ମୂର୍ତ୍ତି ବିରାଜିତ । ଏହି ଅର୍ଦ୍ଧଶୋଷଣୀ ବିଷୟରେ ଅନ୍ୟ ଏକ କାରଣ ନିହିତ ଥିବା କର୍ମକାଣ୍ଡି ମାନଙ୍କର ଅଭିମତ । ଦାମୋଦର ପୂଜାପଣ୍ଡା ପ୍ରମୁଖଙ୍କ ମତ ଯେ ଅର୍ଦ୍ଧାଶନୀ ଶ୍ରୀ ଆଡ଼ପ ମଣ୍ଡପର ସୂର୍ଯ୍ୟଶକ୍ତି ଅଟନ୍ତି । ଏହା ନିଶ୍ଚିତ ଯେ କୌଣସି ବିଶିଷ୍ଟ ଯାଗ ଓ ବାସ୍ତୁଯାଗାରେ ସ୍ତୁପ ପୂର୍ବୋତ୍ତର ବା ଐଶାନ୍ୟକୋଣ ପୋଥିତ ତାଙ୍କୁ ଅଭିଷେକ କରାଯାଇଥାଏ ବର୍ଦ୍ଧନୀ ଜଳରେ । ବର୍ଦ୍ଧନୀ ସକଳର ଅର୍ଦ୍ଧେକ ଜଳ ଯୁପଦେବତାଙ୍କୁ ସମର୍ପିତ ହେବା ଦୃଷ୍ଟିରୁ ଅର୍ଦ୍ଧାଶନୀ ଆଡ଼ପ ମଣ୍ଡପର ଯୂପଶକ୍ତି । ଯଜ୍ଞାଙ୍ଗ ରୂପରେ ଯଜ୍ଞର ଅନ୍ତିମ ଦିବସ ବା ବାହୁଡ଼ା ଦଶମୀ ଦିନ ତାଙ୍କୁ ପୁରୋଡ଼ାଶ ନୈବେଦ୍ୟ ପ୍ରଦତ୍ତ ହୁଏ । ମୋଟ ଉପରେ ଉକ୍ତ ଅର୍ଦ୍ଧାଶନୀ ପ୍ରତିମା ଜଗତରେ ସର୍ବତନ୍ତ୍ର ସ୍ୱତନ୍ତ୍ର ଓ ବିଶେଷତ୍ୱପୂର୍ଣ୍ଣ । ଶବର ସାମନ୍ତମାନେ ଇନ୍ଦ୍ରନୀଳମଣି ମୂର୍ତ୍ତିକୁ ଲୁଚାଇ ରଖିଲାପରି ଅର୍ଦ୍ଧାଶନୀଙ୍କ ଅର୍ଦ୍ଧଅଙ୍ଗକୁ ସୁଭଦ୍ରାଙ୍କ ମୁଖମଣ୍ଡଳ ରୂପରେ ଲୁଚାଇ ରଖିଛନ୍ତି ଓ ଏହାକୁ ଗୁହ୍ୟ ଦେବୀରୂପେ ପୂଜନ କରନ୍ତି । ଏହି ଯଜ୍ଞଶକ୍ତିକୁ ପ୍ରପାପନ ପୁରୋଡ଼ାଶ ଦେଇ ଯଜ୍ଞ କର୍ମର ପୂର୍ଣ୍ଣାହୁତି ପ୍ରଦତ୍ତ ହୋଇଥିଲା ।

ସହପ୍ରତିରତ୍ୱିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ମହାପ୍ରଭୁ ଶ୍ରୀଜଗନ୍ନାଥ ଓ କୈବଲ୍ୟ ମୁକ୍ତି



ରୋହିତ କୁମାର ଶତପଥି

'ସର୍ବଂ ରହସ୍ୟ ପୁରୁଷୋତ୍ତମସ୍ୟ, ଦେବାଃ ନ ଜାନାତି କୁତଃ ମନୁଷ୍ୟା ।' ଜଗତରନାଥ ଶ୍ରୀ ଜଗନ୍ନାଥ । ସେ ପରଂବ୍ରହ୍ମ, ପରମାତ୍ମା, ନିର୍ବିକାର । ସର୍ବଧର୍ମ ସମନ୍ୱୟର ପୀଠସ୍ଥଳୀ ହେଉଛି ଶ୍ରୀକ୍ଷେତ୍ର । ଜନମାନସରେ ଜଗନ୍ନାଥ ଧର୍ମ ବା ଜଗନ୍ନାଥ ସଂସ୍କୃତି ଯେପରି ଭାବରେ ପ୍ରତିଭାତ ହୋଇଛି ତାହା ଅନ୍ୟ କୌଣସି ଧର୍ମରେ ଦେଖିବାକୁ ମିଳେନାହିଁ । ଜଗତରନାଥ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଶବରମାନେ ଦାରୁଦେବତା ଭାବେ ପୂଜା କରୁଥିବାବେଳେ ବୈଷ୍ଣବମାନେ ଶ୍ରୀପତିରୂପେ ପୂଜା କରନ୍ତି । ଠିକ ସେହିପରି ଶାକ୍ତମାନେ ଶକ୍ତି, ଶୈବମାନେ ଭୈରବ, ବୌଦ୍ଧମାନେ ବୁଦ୍ଧ ଏବଂ ଜୈନମାନେ ଋଷଭଦେବ ରୂପେ ପୂଜା କରିଥାନ୍ତି । ବିଭିନ୍ନ ଧର୍ମ, ଦର୍ଶନ, ସଂସ୍କୃତି ତଥା ପରମ୍ପରାକୁ ଆଧାର କରି ଶ୍ରୀଜଗନ୍ନାଥ ଧର୍ମ ତଥା ସଂସ୍କୃତି ଏକ ଚିରନ୍ତନ ସମନ୍ୱୟର ପ୍ରତୀକ ଭାବେ ଦଣ୍ଡାୟମାନ । ଶ୍ରୀଗୁଣ୍ଡିଚା ବା ରଥଯାତ୍ରା ହେଉଛି ଜଗନ୍ନାଥ ସଂସ୍କୃତିର ଏକ ମହାନ ତଥା ସର୍ବଧର୍ମ ସମନ୍ୱୟର ଯାତ୍ରା । ଏହି ଯାତ୍ରା ହେଉଛି ସର୍ବ ପ୍ରାଚୀନ ଓ ପୁରାତନ ।

ଜଗନ୍ନାଥ ଦେବତା ହେଲେ ମଧ୍ୟ ଉତ୍ତମ ମଣିଷ । ମାନବୋଚିତ ଗୁଣାବଳୀ ମଧ୍ୟରେ ତାଙ୍କର ସେବା ପୂଜାର ସୃଷ୍ଟି । ଓଡ଼ିଶାର ରାଷ୍ଟ୍ରଦେବତା ଶ୍ରୀଜଗନ୍ନାଥଙ୍କର ଯାନିଯାତ୍ରା ଓ ପର୍ବପର୍ବାଣୀ କୃଷି ସହିତ ସମ୍ପୃକ୍ତ ହୋଇଥିବାରୁ ତାହାଙ୍କ ନିମନ୍ତେ ଉଦ୍ଦିଷ୍ଟ ନୀତି, ଭୋଗ ଓ ଦୈନନ୍ଦିନ ସେବାକାର୍ଯ୍ୟ ଆଦି ଶସ୍ୟର ରୋପଣ, ଉତ୍ପନ୍ନ, ଅମଳ ଓ ସଂରକ୍ଷଣ ସହିତ ସମ୍ପୃକ୍ତ । ଏଗୁଡ଼ିକ ହିଁ ମାନବ କର୍ମ ଓ ଧର୍ମର ପ୍ରତିଛବି । ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ବର୍ଷସାରା ପର୍ବପର୍ବାଣି ଲାଗି ରହିଥିଲେ ମଧ୍ୟ ତନ୍ମଧ୍ୟରୁ ବାରଗୋଟି ବିଶିଷ୍ଟ ଉତ୍ସବ ଭାବରେ ପାଳିତ ହୁଏ । ସେଗୁଡ଼ିକ ଦ୍ୱାଦଶଯାତ୍ରା ନାମରେ ଅଭିହିତ । ଏ ସମ୍ପର୍କରେ ନୀଳାଦ୍ରିରେ ଗୋଟିଏ ଶ୍ଳୋକ ପ୍ରଚଳିତ ଅଛି - 'ମଞ୍ଜେସ୍ନାନଂ ରଥବର ଗତି ଶୟନଂ ଚାୟନନ୍ୱୟଂ, ପାର୍ଶ୍ୱବୃତ୍ତି ଶୟନ ନିବୃତ୍ତି ପ୍ରାବରଃ ପୁଷ୍ୟପୂଜା । ଦୋଳ କେଳିର୍ଦମନକ ମହଦକ୍ଷପୂଜା ତୃତୀୟା, ଚୈତ୍ରଯାତ୍ରା ବିଧିନିଗଦିତା ଦ୍ୱାଦଶେୟଂ ନରେନ୍ଦ୍ର ।'

ଓଡ଼ିଆ ଜାତିର ମହାନ ପ୍ରାଚୀନ ସଂସ୍କୃତିର ପ୍ରତୀକ ଏ ଯାତ୍ରା ରଥଯାତ୍ରା । ଜୈନ, ବୌଦ୍ଧ, ଶୈବ, ଶାକ୍ତ, ଗାଣପତ୍ୟ, ମହିମା ଓ ବୈଷ୍ଣବାଦି ଧର୍ମରଧାରା ଓ ଦର୍ଶନକୁ ଆତ୍ମସ୍ଥକରି ଦାରୁଦେବତା ଜଗନ୍ନାଥ ଏ କଳିଯୁଗରେ ମୁକ୍ତକାମୀ ପାପୀ ପତିତମାନଙ୍କୁ ଉଦ୍ଧାର କରିବା ପାଇଁ ଏ ରଥଯାତ୍ରାର ସୃଷ୍ଟି ଓ ଉଦ୍ଦେଶ୍ୟ । ରଥାରୂଢ଼ ଦାରୁଦେବତା-ଜଗନ୍ନାଥ ଭକ୍ତି, ଜ୍ଞାନ ଓ କର୍ମର ମୂଳାଧାର ଭାବରେ ଶ୍ରଦ୍ଧାଳୁ ଭକ୍ତ ହୃଦୟରେ ସାକାର ନିରାକାର ଭାବନା ସୃଷ୍ଟି କରିଛି । ରଥରେ ବିରାଜିତ ମହାପ୍ରଭୁ ଶ୍ରୀଜଗନ୍ନାଥ 'କ୍ଳୀଂ' ଶ୍ରୀବଳଭଦ୍ର 'ଶ୍ଳୀଂ' ଓ ଦେବୀ ସୁଭଦ୍ରା 'ହ୍ରୀଂ' ରୂପରେ ସତ୍-ଚିତ୍-ଆନନ୍ଦ ତଥା ଶକ୍ତି-ମୁକ୍ତି ଓ ବିଭୂତିର ମହତ୍ତର ଚିନ୍ତାରେ ପ୍ରରିପ୍ରକାଶିତ । ସର୍ବଧର୍ମ ସମନ୍ୱୟର ପ୍ରତୀକ ମହାପ୍ରଭୁଙ୍କ ଏଭଳି ମହୋତ୍ସବରେ କର୍ମରେ, ଧର୍ମରେ, ଜନ୍ମରେ ଓ ଜାତିରେ ସାମ୍ୟବୋଧର ମହାମନ୍ତ୍ରକୁ ପ୍ରଚାର କରୁଥିବା ଏ ରଥଯାତ୍ରା ମହାଜାଗତିକ ଭାବ ସୃଷ୍ଟି କରି ଚାଲିଛି । ରଥଚକ୍ରର ଘୋଷନାଦରେ ଜନମାନସରୁ ସକଳ ପ୍ରକାର ଅକଲ୍ୟାଣ ଓ ଦୁଷ୍କୃତ ଦୂରୀଭୂତ ହୋଇ ଜଗତର ହିତସାଧନ ହେଉଥିବାରୁ ଏ ଯାତ୍ରାର ଅନ୍ୟନାମ ଘୋଷ ଯାତ୍ରା ।

ପୁରୀ ବଡ଼ଦାଣ୍ଡର ଅଗାଧ ଜନସମୁଦ୍ର ବିନ୍ଦୁଟିଏ ହୋଇ ମିଶିଗଲେ ମନରୁ ଗୋଷ୍ଠୀଗତ, ଧର୍ମଗତ, ଭାଷାଗତ, ଜାତିଗତ ଓ ସାମ୍ପ୍ରଦାୟିକ ସଂକୀର୍ଣ୍ଣତାକୁ ଦୂରେଇଯାଏ । ସେଇ ଗୋଟିଏ ମୁହୂର୍ତ୍ତ ପାଇଁ ପୃଥିବୀ-ଈଶ୍ୱର ଓ ମଣିଷ ଏକ ଓ ଅଭିନ୍ନ ହୋଇଯାଏ । ସେହି ଐକ୍ୟ-ସଂହତି ଓ ସମନ୍ୱୟର ପ୍ରତୀକ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସ୍ୱଚକ୍ଷୁରେ ଦେଖିବା ପାଇଁ ଏ ମର୍ତ୍ତ୍ୟର ମାନବ କେତେ ବ୍ୟଗ୍ର । କାରଣ ଏ ମାନବ ଜାତିର ଆରାଧ୍ୟ ଦେବତା ଜଗନ୍ନାଥ ଶାନ୍ତି-ପ୍ରୀତି-ମୈତ୍ରୀର ପ୍ରତୀକ । ଗତିମୁକ୍ତି-ପ୍ରଗତିର ପ୍ରତିଭୂ । ଶ୍ୱେତ-କୃଷ୍ଣ-ଲୋହିତର ପରିପ୍ରକାଶ-ସର୍ବଧର୍ମର ସମନ୍ୱୟ-ଜଗତରନାଥ ଶ୍ରୀଜଗନ୍ନାଥ ।

ରଥଯାତ୍ରା ହେଉଛି ପରମବ୍ରହ୍ମଙ୍କ ପାବନୀ ଯାତ୍ରା । ଭାଗବତ ସଂହତି, ଧର୍ମଗତ ସହିଷ୍ଣୁତା ଓ ଜାତିଗତ ଐକ୍ୟ ପ୍ରତିଷ୍ଠା ହିଁ ଏହାର ପ୍ରଧାନ ଲକ୍ଷ୍ୟ । ରଥାରୂଢ଼ ଦାରୁଦେବତା ଜଗନ୍ନାଥ ହେଉଛନ୍ତି ପ୍ରତ୍ୟେକ ଓଡ଼ିଆଙ୍କ ଅପରାଜେୟ ଆତ୍ମା । ପ୍ରତି ଓଡ଼ିଆ ପ୍ରାଣରେ ଶ୍ରୀଜଗନ୍ନାଥ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ । ଓଡ଼ିଆ ଜାତିର ଅତି ଅନ୍ତରଙ୍ଗ ଆତ୍ମୀୟ ଶ୍ରୀଜଗନ୍ନାଥ । ଅତଏବ ଏ ରଥଯାତ୍ରା ଏକ ସାଂସ୍କୃତିକ ଜାତୀୟ ଜିଜ୍ଞାସା । ପିଣ୍ଡ ମଧ୍ୟରେ ବ୍ରହ୍ମାଣ୍ଡର ସ୍ଥିତି, ଶରୀର ଭିତରେ ଆତ୍ମ ବ୍ରହ୍ମଲୀଳା, ଦୃଷ୍ଟି ଭିତରେ ଦୃଶ୍ୟାତୀତ ଭାବସତ୍ତା, ଚଳମାନତା ଭିତରେ ଅବିଚଳିତ ଚେତନାର ପରିପ୍ରକାଶ ତଥା ବିଶ୍ୱାସ ଓ ମୂଲ୍ୟବୋଧର ପ୍ରତୀକ ଏ ରଥଯାତ୍ରା । ରଥଯାତ୍ରା ହେଉଛି ଦିବ୍ୟଭାବର ପ୍ରୀତି ଓ ମଧୁରତମ ଲୀଳା । ତେଣୁ ଶ୍ରୀଜଗନ୍ନାଥଙ୍କ ନୀତି ଓ ଚେତନା ରହସ୍ୟମୟ-ଚଳଣି-ମାନବୋଚିତ ଏବଂ ତାଙ୍କ ଯାତ୍ରା ଓ ପର୍ବପର୍ବାଣି ପୁଣ୍ୟ ଓ ଆଦର୍ଶମୟ । ତେଣୁ ଏହି ସୃଷ୍ଟିତତ୍ତ୍ୱକୁ ନେଇ 'ରଥ ସଂସ୍କୃତି'ର ପରିକଳ୍ପନା । ରଥ ରୂପକ ପିଣ୍ଡରେ ଦଶଦିଗପାଳ, ପଚିଶ ପ୍ରକୃତି, ପଞ୍ଚଲୀଳା, ଷଡ଼ରତୁ, ତ୍ରିଭାବ, ତ୍ରିଗୁଣ, ତ୍ରିଫଳ, ତ୍ରିଭୋଗ, ତ୍ରିରୂପ ଓ ତ୍ରିଲୀଳା ଆଦି ବ୍ରହ୍ମାଣ୍ଡସୂଚକ ସତ୍ୟ ବିରାଜମାନ । ସେଇଥିପାଇଁ ଉପନିଷଦରେ କୁହାଯାଇଛି - 'ଆତ୍ମାନଂ ରଥିନଂ ବିଦ୍ଧି, ଶରୀରଂ ରଥମେବତୁ' ଅର୍ଥାତ୍ ଦେହ ରୂପକ ନନ୍ଦିଘୋଷ ରଥରେ ଆତ୍ମାରୂପୀ ଜଗନ୍ନାଥ ବିଜେ କରିଛନ୍ତି । ତେଣୁ ରଥ ହିଁ ପିଣ୍ଡ ଓ ତହିଁରେ ବ୍ରହ୍ମାଣ୍ଡର ବ୍ରହ୍ମସତ୍ୟ-ଶ୍ରୀଜଗନ୍ନାଥ । ଶରୀରରୂପୀ ନନ୍ଦିଘୋଷ ରଥରେ ଆତ୍ମତତ୍ତ୍ୱର ନିଗୂଢ଼ ରହସ୍ୟ ପୂରି ରହିଛି । ଯେପରି 'ପିଣ୍ଡରେ ନଥାଇ ଯାହା ବ୍ରହ୍ମାଣ୍ଡରେ ଦୃଶ୍ୟ ହୁଏନାହିଁ, ଏଣୁ ରଥ ସୁଧୀଜନେ ପିଣ୍ଡ ବ୍ରହ୍ମାଣ୍ଡକୁ ଏକ କରୁଥାଇ । ଯାହା ଦେଖୁଛ ଏ ବ୍ରହ୍ମାଣ୍ଡେ; ସମସ୍ତ ଅଛି ରଥ ପିଣ୍ଡେ, ବ୍ରହ୍ମାଣ୍ଡେ ଯେତେକ ଭିଆଣ, ରଥରେ ନାହିଁ ଭିନ୍ନାଭିନ୍ନ । ବ୍ରହ୍ମାଣ୍ଡ ତତ୍ତ୍ୱ ଏ ରଥ ଅଟେ ପିଣ୍ଡ ତତ୍ତ୍ୱ, ପିଣ୍ଡରେ ବ୍ରହ୍ମାଣ୍ଡ ବ୍ରହ୍ମାଣ୍ଡରେ ପିଣ୍ଡ ସ୍ଥିତ ।'

କଳିଯୁଗରେ ନାମ ଭଜନରେ ମିଳେ କୈବଲ୍ୟମୁକ୍ତି । ନାମ ବିନୁ ଅନ୍ୟ ଗତି ନାହିଁ । ନାମ ଭଜନକରି ଶରୀର ନନ୍ଦିଘୋଷରେ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କଲେ ମଣିଷ ମୁକ୍ତି-ମୋକ୍ଷ ଲାଭ କରେ । ମନର ପବିତ୍ରତା, ଏକାଗ୍ରତା ଓ ଦିବ୍ୟତା ବଳରେ ଜଗନ୍ନାଥଙ୍କ ନାମକୁ ଭକ୍ତିରେ ସ୍ମରଣ କରି ତିନିରଥର ତ୍ରିଗୁଣ ରଜ୍ଜୁକୁ ସୁମନରେ ଏକତ୍ର କରିଦେଲେ ସାକ୍ଷାତ ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ହିଁ ମିଳିଥାଏ । ତେଣୁ ନନ୍ଦିଘୋଷ ଯାତ୍ରା ହେଉଛି ଜୀବ ଓ ପରମର ମିଳନଯାତ୍ରା - ଭକ୍ତ ଭଗବାନଙ୍କର ଯୁଗଳ ଯାତ୍ରା ।

ସାମାଜିକ କର୍ମୀ, ଜାମସେଦପୁର,
ଝାଡ଼ଖଣ୍ଡ

# ବାସ୍ତବ ସତ୍ୟର ଅନୁସନ୍ଧାନ-୨



ପଙ୍କଜ କୁମାର ପାଣିଗ୍ରାହୀ

ନମସ୍କାର । ବାସ୍ତବ ସତ୍ୟର ଅନୁସନ୍ଧାନ ଦ୍ୱିତୀୟ ଅଧ୍ୟାୟରେ ଆଜି ଆଲୋଚନା କରିବା, ବାସ୍ତବ ସତ୍ୟ ଆଉ ମଣିଷର ଦୁଃଖ ମଧ୍ୟରେ ସମ୍ପର୍କ କ'ଣ ?! ଦେଖିବାକୁ ଗଲେ ଦୁଃଖ, ନୈରାଶ୍ୟ ତଥା ବିଭିନ୍ନ ଅସୁବିଧା ହୁଏତ କାହାକୁ ଛାଡ଼ିନାହିଁ ଆମ ସମାଜରେ । ଧନୀ, ଗରିବ, ଶିକ୍ଷିତ, ଅଶିକ୍ଷିତ ଯାହାକୁ ପଚାରିଲେ ବିଭିନ୍ନ ଦିଗରେ କିଛି ନା କିଛି ଦୁଃଖ ବାଢ଼ିଥା'ନ୍ତି । କାହାର କେଉଁଥିରେ ଦୁଃଖ, ନୈରାଶ୍ୟ ଦେଖିବାକୁ ମିଳିଥାଏ ତାର କୌଣସି ସଜ୍ଞା କି ଦିଗ ବାରି ହୋଇ ନଥାଏ । ହେଲେ ସମସ୍ତେ ଯିଏ ଯେଉଁ ଦିଗରୁ ଦୁଖି ହୁଅନ୍ତୁ ନା କାହିଁକି ମଣିଷ ଦୁଖି ହେବାର ପ୍ରକୃତ କାରଣ କ'ଣ ହୋଇପାରେ ବିଚାର କରି ଦେଖିବା ।

କହିବାକୁ ଗଲେ ସାଧାରଣରେ ଆର୍ଥିକ କ୍ଲେଶ ଅଧିକାଂଶ ମଣିଷଙ୍କୁ ଦୁଃଖ ଘେରରେ ରଖିଥିବା ବେଳେ ଶାରୀରିକ ରୋଗ, ମାନସିକ ଯନ୍ତ୍ରଣା, ସାମାଜିକ ଅପମାନ ଭଳି ଅନ୍ୟାନ୍ୟ ଦୁଃଖ ଗୁଡିକ ମଧ୍ୟ କିଛି କମ ଯନ୍ତ୍ରଣାଦାୟୀ ନୁହଁ । ହେଲେ ମଣିଷକୁ ଯାହାସବୁ ଦୁଃଖ ଦେଇଥାଏ ସେଗୁଡିକ ମଧ୍ୟରୁ ପ୍ରାୟତଃ ସବୁ ଗୁଡିକ ମନୁଷ୍ୟକୃତ, କୃତ୍ରିମ ହୋଇଥିବା ବେଳେ ପ୍ରାକୃତିକ ପ୍ରଭାବ ଜନିତ ଦୁଃଖ ଅତ୍ୟନ୍ତ ନଗଣ୍ୟ ଯାହା ଅତି ବିରଳ ସମୟରେ ଆସିଥାଏ । ତାହେଲେ ମନୁଷ୍ୟକୃତ ଅପ୍ରାକୃତିକ ଦୁଃଖ ଗୁଡିକ ସାଧାରଣ ମଣିଷଙ୍କୁ ବ୍ୟଥିତ କରିବାର କାରଣ କ'ଣ ?

ଯେ କୌଣସି ଦୁଃଖ ହେଉ କି ନୈରାଶ୍ୟର ଭିତ୍ତିଭୂମି ରହିଥାଏ କେବଳ ଅଜ୍ଞାନତାରେ ! ଅର୍ଥାତ ମଣିଷ ନିଜର ସଚେତନ ଜ୍ଞାନ ସୃଷ୍ଟି କରିବାରେ ଅସମର୍ଥ ହେବା କାରଣରୁ ସବୁବେଳେ ସବୁ କଥାରେ ଅନ୍ୟ କାହାର ମତବାଦ କିମ୍ବା ଉପଦେଶ ଉପରେ ନିର୍ଭର କରି ନିଜ ଜୀବନକୁ ପରିଚାଳିତ କରୁଥିବା ଅସ୍ୱୀକାର କରିପାରିବେ ନାହିଁ କେହି । କାରଣ ଜୀବନର ପ୍ରତ୍ୟେକ ମୁହୂର୍ତରେ ମଣିଷ ଯାହାସବୁ କରିଥାଏ ସେଗୁଡିକ ଆଉ କାହା ଦ୍ୱାରା ଦିଆଯାଇଥିବା ପ୍ରେରଣା, ଉପଦେଶ କିମ୍ବା ଲିଖିତ ତଥ୍ୟ ଉପରେ ଆଧାରିତ ନିଶ୍ଚୟ ।

ତାହେଲେ ଜଣେ ମଣିଷ ଯେତେବେଳେ ଅନ୍ୟ ଜଣକୁ କିଛି ଉପଦେଶ ଦେଉଛି ସେଇଥିରେ ଯୁକ୍ତାତ୍ମକ ବିଷୟ ନଥିଲେ ସେ ଗ୍ରହଣ କରିବ କି ? ଆଦୌ ନୁହେଁ ।

ତେଣୁ ଉପଦେଷ୍ଟା ସବୁବେଳେ ଅନେକ ଯୁକ୍ତାତ୍ମକ, ଉତ୍ତମ ଉପଦେଶ ଦେଇଥା'ନ୍ତି ଯାହା ସାଧାରଣରେ ସମସ୍ତଙ୍କ ମନକୁ ମୋହିତ କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗୁରୁ ଭଳି ମାନିବାକୁ ଗ୍ରହଣୀୟତା ମନୋଭାବ ସୃଷ୍ଟି କରିଥାଏ । କି'ନ୍ତୁ ଉପଦେଶ ଗ୍ରହୀତାଙ୍କ ଠାରୁ କିଛି ନପାଇ କେବଳ ଯେ ମୁକ୍ତ ଉପଦେଶ ଦିଆଯାଇ ଥା'ନ୍ତା ତାହେଲେ ସେହିଭଳି ସମାଜକୁ ଏକ ଶ୍ରେଷ୍ଠ ମାନବବାଦୀ ସମାଜ ବୋଲି କୁହାଯାଇ ଥା''। ଯାହା ଆଜି ସମୟରେ ଏକ ସ୍ୱପ୍ନ ମାତ୍ର । ଅର୍ଥାତ ଉପଦେଷ୍ଟା, ଲେଖକ, ପ୍ରବଚକ ଯାହା ସବୁ ସମାଜରେ ବିତରଣ କରିଥା'ନ୍ତି ସେଇଥିରେ ଅନେକ ସତ୍ୟଜ୍ଞାନ ରହିଥିବା ବେଳେ କିଛି ମାତ୍ରାରେ ବିଷ ଭରି ରହିଥାଏ ଯାହା ସାଧାରଣ ନିର୍ବୋଧଙ୍କ ଜ୍ଞାତସାର ମଧ୍ୟରେ ନଥାଏ !

ତେଣୁ ସେହି ବିଷଭରା ଉକ୍ତି ଗୁଡିକ ମାଧ୍ୟମରେ ସେମାନେ ଶୋଷଣ କରିଥା'ନ୍ତି ଶ୍ରୋତାଙ୍କୁ ଯାହା ଏକ ଗମ୍ଭୀର ଷଡ଼ଯାନ୍ତ୍ରୀକ ବିଷୟ ! ଏ କଥାକୁ ସାଧାରଣରେ କେହି ଜାଣି ପାରନ୍ତି ନାହିଁ କି ଜାଣିବାର କୌଣସି ଉପାୟ ମଧ୍ୟ ନାହିଁ ଆମ ସମାଜରେ । ତେଣୁ ସାଧାରଣ ନିର୍ବୋଧ ମଣିଷ ସେ ଶିକ୍ଷିତ ହୁଅନ୍ତୁ କିମ୍ବା ଅଶିକ୍ଷିତ, ଆଉ କାହାଦ୍ୱାରା ପ୍ରତ୍ୟକ୍ଷରେ ହେଉ କି ପରୋକ୍ଷରେ ଲୁଣ୍ଠିତ, ଶୋଷିତ ହୋଇଥା'ନ୍ତି ସବୁବେଳେ ନିଜର ଅଜ୍ଞାନତା କାରଣରୁ । ସେହି ବିଷ ଭରା ବିଷୟ ଗୁଡିକ ଆଧାରିତ ହୋଇଥାଏ ମଣିଷ ମନରେ, ଜୀବନରେ ଦୁଃଖ ସୃଷ୍ଟି କରିବା ପାଇଁ ଯାହା ସମସ୍ତଙ୍କୁ ଆଜି ଘେରି ରହିଛି ।

ଅତଏବ ପ୍ରତ୍ୟେକ ମଣିଷ ଚେତନା ଜ୍ଞାନ ସୃଷ୍ଟି କରି ନିଜ ବିବେକରେ ପରିଚାଳିତ ହୋଇ କାହାର ଉପଦେଶ ଗୁଡିକୁ ସନ୍ଦେହ ଘେରରେ ରଖି ତର୍ଜମା କରିବା ଶିକ୍ଷା କରିବା ଅତ୍ୟାବଶ୍ୟକ । ଅନ୍ୟଥା ଯେ କୌଣସି ମଣିଷ କେବେ ହେଲେ ଦୁଖରୁ ବାଦ ପଡ଼ିବେ ନାହିଁ ଏ କଥାରେ କୌଣସି ସନ୍ଦେହ ନାହିଁ । ଅତି ସୂକ୍ଷ୍ମ ଅନୁଧ୍ୟାନ କରି ଦେଖିଲେ ଜାଣିହେବ ଯେ ଆମ ଜୀବନର ପ୍ରତ୍ୟେକ ସମୟରେ ସବୁ କଥାରେ ଆମେ ନିର୍ଭର କରୁଛେ ଆଉ କାହାଦ୍ୱାରା ଦିଆଯାଇଥିବା ମନ୍ତବ୍ୟ, ଉପଦେଶ ଉପରେ । ହେଲେ ଆମେ ନିଜର ଚେତନା ଜ୍ଞାନ ଉଦୟ କରିବା କେମିତି ଏବଂ କାହାର କୌଣସି କଥାକୁ ନିର୍ଦ୍ଵନ୍ଦରେ ଗ୍ରହଣ କରିବା ପୂର୍ବରୁ ସେଗୁଡିକୁ ଅନୁଶୀଳନ କରି ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବା ଶିକ୍ଷା କରିବା କିପରି ତାହା କେହି କୁହନ୍ତି ନାହିଁ । ନିଜକୁ ସଚେତନ କରି ନିଜ ବିବେକରେ ପରିଚାଳିତ ହେବା ରାସ୍ତା ଦେଖାଇ ନଥା'ନ୍ତି କେହି । କେବଳ ନିଜର ସମସ୍ୟା ସମାଧାନ ପାଇଁ ଜଣେ ଗୁରୁ କିମ୍ବା ଭଗବାନଙ୍କ ସାହାରା ନେବା ପାଇଁ ଉପଦେଶ ଦେଇଥା'ନ୍ତି ସମସ୍ତେ, କାହିଁକି ?! ସେ ବିଷୟରେ ଆଲୋଚନା କରିବା ଆଗାମୀ ଅଧ୍ୟାୟରେ । ଆଜି ପାଇଁ ଏତିକି । ଧନ୍ୟବାଦ । (କ୍ରମଶଃ)

*ୟୁଟ୍ୟୁବ୍-ସାମାଜିକ ଜନମଂଚ (ଭାରତ)*
*ଛତ୍ରପୁର, ଗାମ-୭୬୧୦୨୦*
*ଦୂରଭାଷ.: ୯୪୩୭୩୨୪୯୧୭.*




# ଛାତ୍ରଙ୍କ ଜଳସମାଧି ! !

ଏକ ଅଭାବନୀୟ ଘଟଣାକ୍ରମରେ କଟକ ସହରର ତିନିଜଣ ପିଲାଙ୍କର ମୂଲ୍ୟବାନ ଜୀବନ ନିର୍ବାପିତ ହୋଇଯାଇଛି। ସାଙ୍ଗ ହୋଇ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ ଆଉ ତୀବ୍ର ଗଣ୍ଡ ଭିତରେ ପଶିଯାଇ ନିଜକୁ ମୁକୁଳାଇ ପାରିଲେ ନାହିଁ। ଏହିଠାରେ ଗୋଟିଏ ବଡ଼ ପ୍ରଶ୍ନ ଉଠୁଛି ଓଡ଼ିଶା ସରକାର ଯୁବ ବର୍ଗଙ୍କ ପାଇଁ ଅନେକ କିଛି କରୁଛନ୍ତି ବୋଲି ଘୋଷଣା କରୁଛନ୍ତି ଏବଂ ନିଜ ଢ଼ୋଲ ନିଜେ ବି ବାଡ଼ଉଛନ୍ତି। ରକ୍ତଦାନ କାର୍ଯ୍ୟକ୍ରମ ହେଉ ବା ପ୍ରାକୃତିକ ବିପର୍ଯ୍ୟୟ ହେଉ, ଯୁବ ବର୍ଗଙ୍କ ସେବା ନିଶ୍ଚିତ ଗ୍ରହଣୀୟ ଏହାକୁ କେହି ମନେ କରୁନି କିନ୍ତୁ ବଡ଼କଥା ହେଉଛି ପିଲାମାନେ ଯେପରି ରକ୍ତଦାନ କରୁଛନ୍ତି, ବୃକ୍ଷରୋପଣ କରୁଛନ୍ତି ସେହିପରି ସେମାନଙ୍କୁ ପହଁରିବା ଶିକ୍ଷା ବିଧିବଦ୍ଧ ଭାବେ କ'ଣ ପାଇଁ ଦିଆଯାଇପାରୁନାହିଁ। କଟକର ଜୀବନ ରେଖା କୁହାଯାଉଥିବା ମହାନଦୀ ଓ କାଠଯୋଡ଼ି ନଦୀରେ ପ୍ରତିଦିନ କେଉଁଠି ନା କେଉଁଠି ଅଘଟଣ ଘଟୁଛି। ପାଣିରେ ବୁଡ଼ି କାହାର ଜୀବନ ଯାଉଥିଲା ବେଳେ ଆଉ କିଏ ଅଳ୍ପକେ ବର୍ତ୍ତି ଯାଉଛନ୍ତି। ସାମାନ୍ୟ ଅସାବଧାନତା ଲୋକଙ୍କୁ ମରଣ ମୁହଁକୁ ଟାଣି ନେଉଛି। ଯଦିଓ ଦୁଇ ନଦୀର ନିର୍ଦ୍ଦିଷ୍ଟ କେତେକ ସ୍ଥାନକୁ ବିପଦ ସଙ୍କୁଳ ଘୋଷଣା ସହ ସେଠାରେ ସତର୍କ ସୂଚନାଫଳକ ଲଗାଯାଇଛି। ମାତ୍ର ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ନଷ୍ଟ ହୋଇଗଲାଣି। ପ୍ରଶାସନର ଏପରି ଅବହେଳା ଓ ଲୋକଙ୍କ ଅସାବଧାନତାରୁ ନଦୀ ବୁଡ଼ି ଜନିତ ମୃତ୍ୟୁ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଗଲା ନଅ ବର୍ଷରେ ପ୍ରାୟ ୩୦ରୁ ଅଧିକ ଜଣଙ୍କ ମୃତ୍ୟୁ ଘଟିଛି। କିନ୍ତୁ ସବୁ ଦୋଷ କେବଳ ମହାନଦୀ ମୁଣ୍ଡାଉଛି। ଏମିତିକି ନିଜ ଭୁଲ ସ୍ୱୀକାର କରିବା ପରିବର୍ତ୍ତେ ଲୋକଙ୍କ ଜୀବନରେଖା ପାଲଟି ଥିବା ମହାନଦୀ ଅଭିଶପ୍ତ କହିବା ଆରମ୍ଭ କଲେଣି।

ସର୍ବାଧିକ ଅଘଟଣ ମହାନଦୀର ନରାଜ ଠାରୁ ଯୋବ୍ରା ଆନିକଟ ମଧ୍ୟରେ ଘଟୁଛି। ଯୋବ୍ରା ବ୍ୟାରେଜରେ ଗାଧୋଇବାକୁ ଯାଇ ୨୦୧୩ ମେ ୧୨ରେ ଦୁଇ ଜଣ ଯୁକ୍ତ ଦୁଇ ଓ ୨୩ରେ ବୋଷର ଦୁଇଛାତ୍ର ବୁଡ଼ି ପ୍ରାଣ ହରାଇଥିଲେ। ସେହିପରି ୨୦୧୫ ଏପ୍ରିଲ ୧୩ରେ ରେଭେନ୍ସାର ଚାରି ଜଣ ଛାତ୍ର, ୨୦୧୯ରେ ଏପ୍ରିଲ ୬ରେ ରାଣିହାଟ ଶଗଡ଼ିଆ ସାହିର ଜଣେ ଛାତ୍ର ବୁଡ଼ି ପ୍ରାଣ ହରାଇଥିଲେ। ସେହିପରି ଗଡ଼ଗଡ଼ିଆ ଘାଟରେ ୨୦୧୩ ଅକ୍ଟୋବର ୩୧ରେ ପୋଲିସ ହାଇସ୍କୁଲ ଓ ପ୍ୟାରୀମୋହନ ଏକାଡ଼େମୀର ୩ ଛାତ୍ର, ୨୦୧୭ ଅଗଷ୍ଟ ୩୦ରେ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଫ୍ୟାସନ ଟେକ୍ନୋଲୋଜିର ୩ ଅଣ ଓଡ଼ିଆ ଛାତ୍ର ଓ ଅକ୍ଟୋବର ୨ରେ ଦୁଇଜଣ ଯୁବକ ଭାସି ଯାଇଥିଲେ। ନରାଜରେ ୨୦୧୭ ଅଗଷ୍ଟ ୨୫ରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଜଣେ ଛାତ୍ର ଧବଳେଶ୍ୱର ଗଡ଼ାରେ ୨୦୧୭ ଅକ୍ଟୋବର ୭ରେ ୩ ଜଣ ୧୦ମ ଶ୍ରେଣୀ ଛାତ୍ର, ୨୦୧୮ ଅକ୍ଟୋବର ୨ରେ ଚହଟାରେ ଦୁଇ ଛାତ୍ର ବୁଡ଼ି ପ୍ରାଣ ହରାଇଥିଲେ। ୨୦୧୯ ଅଗଷ୍ଟରେ ଜଣେ ଜାତୀୟ ସ୍ତରରେ ଖେଳାଳୀ ମହାନଦୀରେ ବୁଡ଼ି ପ୍ରାଣ ହରାଇଥିଲେ। ସେହିପରି କାଠଯୋଡ଼ିରେ ୨୦୧୮ ମେ ୬ରେ ଜଣେ ୧୦ମ ଶ୍ରେଣୀ ଓ ବିସିଏ ଦ୍ୱିତୀୟ ବର୍ଷ ଜଣେ ଛାତ୍ର ଖାନନଗର ତ୍ରିନାଥ ଗଡ଼ାରେ ବୁଡ଼ି ପ୍ରାଣ ହରାଇଥିଲେ।

ଏହାଛଡ଼ା ୨୦୨୧ ନଭେମ୍ବର ୨୫ରେ ଚାରି ଜଣ ସ୍କୁଲ ଛାତ୍ର କୋଳି ଖାଇବା ପାଇଁ ମହାନଦୀର ଭଦିମୂଳ ଘାଟକୁ ଯାଇ ବୁଡ଼ି ଯାଇଥିଲେ। ଦୁଇ ଦିନ ପରେ ସମସ୍ତଙ୍କ ଶବ ପାଣିରୁ ମିଳିଥିଲା। ସେହିପରି ଗଲା ମାର୍ଚ୍ଚ ୨୯ରେ ନରାଜରେ ସାଙ୍ଗମାନଙ୍କ ସହିତ ଗାଧୋଇବାକୁ ଯାଇ ଜଣେ ଇଞ୍ଜିନିୟରିଂ ଛାତ୍ର ବୁଡ଼ି ପ୍ରାଣ ହରାଇଥିଲେ। ଏହି ସବୁ ଘଟଣା ବାଦ ଅନେକ ଅଘଟଣରେ ଅନେକଙ୍କ ଜୀବନ ଯାଇଛି। ମୁଖ୍ୟ କଥା ହେଉଛି ସବୁ ଘଟଣା ପଛରେ ଅସାବଧାନତାକୁ ଦାୟୀ କରାଯାଇଛି। ଅନ୍ୟପଟେ ଏଭଳି ଅଘଟଣକୁ ରୋକିବା ଲାଗି ୨୦୧୭ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଭୟ ନଦୀର ଏକାଧିକ ଘାଟରେ ସତର୍କ ସୂଚନାଫଳ ଲଗାଯାଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଅଧିକାଂଶ ସୂଚନା ଫଳକ ନଷ୍ଟ ହୋଇଯାଇଛି। ଏହାର ମରାମତି ଲାଗି ଅନେକ ଥର ଦାବି କରାଯିବା ସତ୍ତ୍ୱେ ତାହା ହୋଇପାରିନାହିଁ। ଫଳରେ ନଦୀର ଗଭୀରତା ଜାଣି ନପାରି ଲୋକେ ଅକାଳ ମୃତ୍ୟୁ ମୁଖରେ ପଡୁଛନ୍ତି। ଏଭଳି ସ୍ଥିତିରେ ନା ଜନସାଧାରଣ ସଚେତନ ହେଉଛନ୍ତି, ନା ଜିଲ୍ଲା ପ୍ରଶାସନ ନିଜ ଆଡୁ ତତ୍ପରତା ପ୍ରକାଶ କରୁଛନ୍ତି। ଅଘଟଣ ପରେ ସବୁ ଦୋଷ ନଦୀ ଉପରେ ଛାଡ଼ି ଦିଆଯାଇଛି। ଗତ ପାଞ୍ଚ ବର୍ଷ ମଧ୍ୟରେ ଆନିକଟ ନିକଟରେ ୪୭ ଜଣଙ୍କ ଜୀବନ ଚାଲିଯାଇଛି। ରେଭେନ୍ସାର ଚାରି ଜଣ ଛାତ୍ର କିଛି ମାସ ତଳେ ସୁଅ ମୁହଁରେ ଭାସି ଯାଇଥିଲେ। ସୂଚନା ଥାଉକି ୨୦୧୮ରେ ୮ଜଣ, ୨୦୧୯ରେ ୧୦ଜଣ, ୨୦୨୦ରେ ୧୦ ଜଣ, ୨୦୨୧ରେ ୧୫ ଜଣ ଓ ଚଳିତ ବର୍ଷ ୪ ଜଣ ପିଲାଙ୍କ ଅକାଳ ଜୀବନ ଚାଲିଯାଇଛି। ଯୋବ୍ରା ପାର୍କ ନିକଟରେ ଥିବା ତତ୍ତ୍ୱବଟ ପର୍ଯ୍ୟନ୍ତ ପାଖାପାଖି ତିନଟି ତୁଠରେ ଚଳପ୍ରଚଳ ହୋଇଥାଏ। ସେହିପରି ଅଭିଯୋଗ ଉଠୁଛି ଯେ ଆନିକଟ ଠାରେ ମହାନଦୀର ପାଣିକୁ ନିୟନ୍ତ୍ରଣ ରଖିବା ପାଇଁ ଦାୟିତ୍ୱରତ କର୍ମଚାରୀମାନେ ନିଜ ଇଚ୍ଛା ମୁତାବକ ଗେଟ ଟେକୁଛନ୍ତି। ଯାହାଦ୍ୱାରା ଅଚାନକ ପାଣି ଚାଲି ଆସିବାରୁ ପିଲାମାନେ ନ ଜାଣି ପାରି ମୃତ୍ୟୁର ଶିକାର ହେଉଛନ୍ତି। ପିଲାମାନେ ଅଭାବନୀୟ ଭାବେ ଯେଉଁ ଜଳସମାଧି ନେଲେ ତାହା କ'ଣ ସେମାନଙ୍କ ଭାଗ୍ୟ ଥିଲା? ପ୍ରଶାସନ କରୁଛି କ'ଣ ଏବଂ ଏ କ୍ଷେତ୍ରରେ ତୁରନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇ ପର୍ଯ୍ୟାପ୍ତ କ୍ଷତି ପୂରଣ ଦିଆଯାଉ।

# ଚଇତି ଘୋଡ଼ାନାଚ

ଚଇତି ଘୋଡ଼ା ନାଚ ଓଡ଼ିଶାର ଏକ ପାରମ୍ପରିକ ଲୋକନୃତ୍ୟ। ଏହା ମୁଖ୍ୟତଃ ଓଡ଼ିଶାର ଉପକୂଳ ଅଞ୍ଚଳରେ କେଉଟ ମାନଙ୍କ ଦ୍ୱାରା ଆରମ୍ଭ ହୋଇ ସେହି ଅଞ୍ଚଳମାନଙ୍କରେ ଚୈତ୍ର ମାସ ପୂର୍ଣ୍ଣିମା ତିଥିରେ ପରିବେଷିତ ହୋଇଥାଏ। କେଉଟମାନେ ବାଉଁଶ ବତାରେ ଘୋଡ଼ାର ପାଦହୀନ ଦେହ ଓ ବେକ ଆକାରର ଗୋଟିଏ ଥାଟ ତିଆରି କରି ତା ଉପରେ ଲୁଗା ଆଦି ଘୋଡ଼ାନ୍ତି ଓ ବେକ ଉପରେ ଘୋଡ଼ାମୁହଁ ପରି ଚିତ୍ରିତ ମୁଖାଟିଏ



ଲଗାନ୍ତି। ଉକ୍ତ ଚଇତି ଘୋଡ଼ାର ପିଠିରେ ଗୋଟିଏ କଣା ଥାଏ। ସେହି କଣା ବାଟେ ମନୁଷ୍ୟ ଅଣ୍ଟା ପର୍ଯ୍ୟନ୍ତ ପଶି କରି ଭୂମିରେ ଠିଆ ହୁଏ ଓ ଘୋଡ଼ା ରୂପର ଆଗରୁ ଓ ପଛରୁ ଡୋରି ଲଟକା ଯାଏ। ମନୁଷ୍ୟ ଅଣ୍ଟା ଠାରୁ ନିମ୍ନ ଅଂଶ ଘୋଡ଼ା ଭିତରେ ଲୁଚି ଥାଏ ଓ ଅଣ୍ଟା ଠାରୁ ଉପର ଅଂଶ ଘୋଡ଼ା ଭିତରେ ବସିବା ପରି ଅନୁମତି ହୁଏ। ଏହି ବ୍ୟକ୍ତି ନାଚିବା ସଙ୍ଗେ ସଙ୍ଗେ ଘୋଡ଼ା ମଧ ନାଚେ। ଘୋଡ଼ାର ମୁହଁ ଆଡ଼େ ଲଗାମ ପରି କନା ଡୋରି ବନ୍ଧା ହୋଇଥାଏ। ଉକ୍ତ ଡୋରିକୁ ନଚାଇବା ବାଲା ଧରି ଘୋଡ଼ାର ଲଗାମ ଧରିବାର ଅଭିନୟ କରେ।

କେଉଟମାନେ ଏହି ପର୍ବ ଉପଲକ୍ଷେ ଚଢ଼େଇୟା ଓ ଚଢ଼ଉଣୀ ବେଶ ହୋଇ ନାଚନ୍ତି ଓ ଗୀତ ବୋଲନ୍ତି। ଘୋଡ଼ା ନାଚରେ ଜଣେ ଲେଖାଏଁ ଗାୟକ, ପାଳିଆ, ଢ଼ୋଲକିଆ, ମହୁରିଆ, ରାଉତ, ରାଉତାଣୀ ଥାଆନ୍ତି। ଗାୟକ ବିଷୟବସ୍ତୁ ଗାଉଥିବା ବେଳେ ପାଳିଆ ପାଳି ଧରେ, ଢ଼ୋଲକିଆ ବାଜା ବଜାଏ ଓ ରାଉତ ସଜ୍ଜିତ କାଠଘୋଡ଼ା ଚଢ଼ି ରାଉତାଣୀ ସହ ନୃତ୍ୟ କରୁଥାଏ। ମା'ବାସେଳୀଙ୍କ ବନ୍ଦନାରୁ ଆରମ୍ଭ ହୁଏ ଘୋଡ଼ା ନାଚ। ପରେ ରାଧାକୃଷ୍ଣଙ୍କ ଲୀଳା, ଶିବ ପାର୍ବତୀଙ୍କ କାହାଣୀକୁ ଗୀତ ଓ ନୃତ୍ୟ ମାଧ୍ୟମରେ ପରିବେଷଣ କରାଯାଏ। ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ବହି ନଥାଏ। କୈବର୍ତ୍ତ ଗୀତା, କୈବର୍ତ୍ତ ପୁରାଣ ଓ କୈବର୍ତ୍ତ ସଂହିତାରୁ ବିଷୟବସ୍ତୁ ଉଦ୍ଧାର କରି ଗାୟକ ସେଗୁଡ଼ିକୁ ପାରମ୍ପରିକ ସ୍ୱରରେ ପଢ଼ିବା ଭଳି ଶବ୍ଦ ସଂଯୋଜନା କରି ସ୍ୱର ଦେଇଥାନ୍ତି।

## ରାଜଧାନୀ ପ୍ରତିଷ୍ଠା ଦିବସରେ ୧୩ଜଣଙ୍କୁ ପ୍ରଦାନ କରାଯିବ 'ରାଜଧାନୀ ଗୌରବ ସମ୍ମାନ'

ଭୁବନେଶ୍ୱର (ପିଏନ୍): ଆସନ୍ତା ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ୭୪ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କରାଯିବା ପାଇଁ ସରକାରୀ ଭାବେ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୧୩ ତାରିଖ ପୂର୍ବାହ୍ନ ୮ଟା ସମୟରେ ରାଜଧାନୀ ଶିଳାନ୍ୟାସ ଫଳକ ସମ୍ମୁଖସ୍ଥ ବେସାମରିକ ପରେଡ ଉତ୍ସବ ପରେ ପରେ ରାଜଧାନୀର ୧୩ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'ରାଜଧାନୀ ଗୌରବ ସମ୍ମାନ'ରେ ସମ୍ମାନିତ କରାଯିବ। ଏଥିପାଇଁ ସଂସ୍କୃତି ବିଭାଗ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର ମହାନଗର ନିଗମ, ସୂଚନା ଓ ଲୋକସଂପର୍କ ବିଭାଗ, ଜିଲ୍ଲାପାଳ ଖୋର୍ଦ୍ଧା, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର କର୍ମକର୍ତ୍ତାଙ୍କୁ ନେଇ ଏକ ଚୟନ କମିଟି ଗଠନ କରାଯାଇଥିଲା। ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ପାଇଁ ଗଠିତ ଚୟନ କମିଟିରେ ୧୩ଜଣ ବ୍ୟକ୍ତିବିଶେଷଙ୍କୁ ରାଜଧାନୀ ଗୌରବ ସମ୍ମାନ ପ୍ରଦାନ କରିବା ପାଇଁ ଚୂଡ଼ାନ୍ତ ନିଷ୍ପତି ନିଆଯାଇଛି। କୋଭିଡ୍ ଯୋଦ୍ଧା ଭାବେ ଡ. ସଂଘମିତ୍ରା ପତି ଓ ଶୁଭେନ୍ଦୁ ସାହୁ, ବିଶିଷ୍ଟ ଶିଳ୍ପପତି ପଙ୍କଜଲୋଚନ ମହାନ୍ତି, ବୈଜ୍ଞାନିକ ଡ. ଅଜୟ ପରିଡ଼ା, ହକି ଖେଳାଳୀ ଦୀପଗ୍ରେସ୍ ଏକ୍କା, ଆଇନଜୀବୀ ଡ. ମଧୁମାଧବ ଜେନା, ଚିକିତ୍ସକ ଡା. ଅଶୋକ ନନ୍ଦ, ସମାଜସେବୀ ନୀଳମଣି ମିଶ୍ର, ଗ୍ରାଫିକ୍ କନଷ୍ଟେବଲ ଶେଷଦେବ ସାହୁ, ନର୍ସ ଶ୍ରୀମତୀ ହାରାମଣୀ ଦାଶ, ପୋଷ୍ଟମ୍ୟାନ୍ ବିପ୍ଳବ ରଂଜନ ମଲ୍ଲିକ ଓ ସୁଇପର ଶ୍ରୀମତୀ ସୁଷମା ଦେଈଙ୍କୁ ଉକ୍ତ ସମାରୋହରେ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଦ୍ୱାରା ସମ୍ମାନିତ କରାଯିବ ବୋଲି ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ସାଧାରଣ ସଂପାଦକ ସନତ ମିଶ୍ର ଓ ଉପସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ପ୍ରକାଶ କରିଛନ୍ତି।

# କୋଭିଡ଼ ପ୍ରଭାବରେ ଛୋଟ ପିଲାଙ୍କ ଆଖି ଖରାପ

କୋଭିଡ଼ ମହାମାରୀ ଯୋଗୁ ପ୍ରାୟ ଦୁଇବର୍ଷ କାଳ ପିଲାମାନେ ସ୍କୁଲ ନ ଯାଇ ଘରେ ରହିଲେ। ଏବେ ସ୍କୁଲ ଖୋଲିବା ପରେ ଦେଖିବାକୁ ମିଳୁଛି ଯେ ବହୁ ପିଲା କଳାପଟାରେ କ'ଣ ଲେଖା ହୋଇଛି ପଢ଼ିପାରୁ ନାହାନ୍ତି। ଆଖିକୁ ଜାଲୁଆ ଜାଲୁଆ ଦିଶୁଛି। ପାଠପଢ଼ାରେ ଅଧିକ ସମୟ ଧ୍ୟାନ ଦେଇପାରୁ ନାହାନ୍ତି। କାହାର ଆଖି ନାଲି ପଡ଼ିଛି, କାହାର ମୁଣ୍ଡ ବିନ୍ଧା ହେଉଛି ତ କାହାକୁ ଭାରି ଅଶ୍ୱସ୍ତି ଅନୁଭବ ହେଉଛି। ଦିଲ୍ଲୀ ରାଜଧାନୀ ଅଞ୍ଚଳ, ମୁମ୍ବାଇ, ଉଦୟପୁର ଅଞ୍ଚଳର ଆଖି ଡାକ୍ତରମାନଙ୍କ ପାଖରେ ପିଲାମାନଙ୍କ ଭିଡ଼ ଦୁଇଗୁଣ ବଢ଼ିଯାଇଛି ବୋଲି ଏକ ରିପୋର୍ଟ ମିଳିଛି। ନୂଆଦିଲ୍ଲୀର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳୁଛି। ଡାକ୍ତରଙ୍କ ପାଖକୁ ଆଖି ଦେଖାଇବାକୁ ଆସୁଥିବା ପ୍ରତି ୧୦ଜଣରେ ୬ଜଣଙ୍କର ଚଷମା ଦରକାର ପଡୁଛି। ଯେଉଁମାନେ ଗତ ବର୍ଷ ଚଷମା ଲଗାଇଥିଲେ ସେମାନଙ୍କ ଚଷମାର ପାୱାର ୦.୫ରୁ ୦.୭୫ ପର୍ଯ୍ୟନ୍ତ ବୃଦ୍ଧି ପାଇଛି।

ଆଖି ଡାକ୍ତରମାନଙ୍କ କହିବା ଅନୁସାରେ ୫ରୁ ୧୫ ବର୍ଷର ବହୁ ପିଲାଙ୍କୁ ଏବେ ଚଷମା ପିନ୍ଧିବାକୁ ପଡୁଛି, ଏପରିକି ଅଧିକ ପାୱାରର ଚଷମା ଅନେକଙ୍କର ଦରକାର ପଡୁଛି। ଏମ୍ସର ଡାକ୍ତରଙ୍କ ପ୍ରାରମ୍ଭିକ ଅନୁଧ୍ୟାନ ଅନୁସାରେ ପିଲାମାନେ ମାୟୋପିଆ (ନିକଟ ଦୃଷ୍ଟିକୋଷ)ର ଶିକାର ହେବା ୭ ପ୍ରତିଶତରୁ ୧୩ ପ୍ରତିଶତକୁ ବା ପ୍ରାୟ ଦୁଇଗୁଣ ବୃଦ୍ଧି ପାଇଛି।

ମୋବାଇଲ, ଲାପଟପ, କମ୍ପ୍ୟୁଟର, ଟିଭି ପ୍ରଭୃତି କେବଳ ପାଖ ଜିନିଷ ଦେଖିବାରେ ଅଭ୍ୟସ୍ତ ହେବା ଏବଂ ବାହାରକୁ ନ ଯିବା ଏହାର କାରଣ ବୋଲି କୁହାଯାଉଛି। ମୋବାଇଲ ବା ଲାପଟପ ପରି ଛୋଟ ପରଦାର ପାଖ ଜିନିଷ ବେଶି ଦେଖିଲେ ନେତ୍ର ଗୋଲକ (ଆଇବଲ) ସମ୍ପ୍ରସାରିତ ହୁଏ ଓ ତାପ ସୃଷ୍ଟି ହୁଏ, ଯାହା ନିକଟ ଦୃଷ୍ଟିଦୋଷର କାରଣ। ବିଯୁକ୍ତ ୧ ବା ୧.୫ରୁ ଅଧିକ ପାୱାରର ଚଷମା ପିଲାମାନଙ୍କୁ ପିନ୍ଧିବାକୁ ପଡୁଛି। କୋଭିଡ଼ ଯୋଗୁଁ ବାହାରକୁ ନ ଯିବା ଓ ବାହାରେ ଖେଳକୁଦ ନ କରିବା ଯୋଗୁଁ ପିଲାମାନେ ସୂର୍ଯ୍ୟକିରଣ ପାଇବାରୁ ବଞ୍ଚିତ ହେଲେ। ଫଳରେ ସେମାନଙ୍କ ଶରୀରରେ ଭିଟାମିନ ଡି ବା ଡୋପାମାଇନର ମଧ୍ୟ ଅଭାବ ଦେଖିବାକୁ ମିଳିଛି। ଏଣିକି ପିଲାମାନେ ଯଦି ଅତି କମରେ ଦୁଇଘଣ୍ଟା ବାହାରେ ବୁଲିବେ ବା ଖେଳିବେ ଏବଂ ମୋବାଇଲ ଓ ଲାପଟପ ଦେଖିବାରୁ ବିରତ ରହିବେ ତେବେ ସେମାନଙ୍କ ଛୋଟ ପରଦାରେ ମନୋନିବେଶ ସମୟ ହ୍ରାସ ପାଇବ ଏବଂ ଆଖିର ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସେମାନଙ୍କ ନିକଟ ଦୃଷ୍ଟିଦୋଷ ହେବାର ସମ୍ଭାବନା ମଧ୍ୟ ହ୍ରାସ ପାଇବ।

# ମାଇଥୋମାନିଆ

ଜୀବନରେ ଏକ ବିଚିତ୍ର ସତ୍ୟ ଆଉ ମିଥ୍ୟା ଥାଏ। ଏହି କଥାକୁ ବଡ଼ ଦୁଃଖର ସହିତ କହିଲେ ମୋ ବନ୍ଧୁ ଦେବଦତ୍ତ। ତାଙ୍କ ଜଣେ ବନ୍ଧୁ ପିଲାଦିନରୁ କଳ୍ପନାବିଳାସୀ। ପିଲାଦିନରୁ ଛୋଟ ଛୋଟ ପ୍ରସଙ୍ଗକୁ ମିଛ କହିବାର ଏକ ପ୍ରକାର ପ୍ରବଣତା ସେ ଧୀରେ ଧୀରେ ନେଇଯାଇଥିଲେ। ତାଙ୍କ ବ୍ୟସ୍ତତା ଶୁଣିକି ମୁଁ ତାଙ୍କୁ କହିଲି ଯେ ଜୀବନରେ ଏହା ନିଶ୍ଚିନ୍ତ ଏକ ଅସ୍ୱାଭାବିକ ଘଟଣା। ତେବେ ବଡ଼ କଥା ହେଉଛି ପିଲାମାନେ ବେଳେ ବେଳେ ମିଛ କୁହନ୍ତି ଆଉ କେଉଁ ପରିସ୍ଥିତିରେ କୁହନ୍ତି ତାହା ଜାଣିବା ବାପା ମାଆଙ୍କର ବଡ଼ କର୍ତ୍ତବ୍ୟ। ମୁଁ ତାଙ୍କୁ ପରାମର୍ଶରେ କହିଲି ଯେ, ମଣିଷ ନିଜ ଜୀବନରେ ଯେ କେବେ କେମିତି ମିଛର ସାହାରା ନେଇଥାଏ। ଜୀବନରେ ଥରେ ବି ମିଛ କହିନଥିବା ଲୋକଙ୍କ ସଂଖ୍ୟା ହୁଏତ ଅତି ବିରଳ ହୋଇଥିବ। କାରଣ ସମସ୍ୟା ସମାଧାନ ପାଇଁ ଅବା କାହାକୁ ବଞ୍ଚାଇବା ପାଇଁ ମଣିଷ ବେଳେ ବେଳେ ମିଥ୍ୟାର ଆଶ୍ରୟ ନେଇଥାଏ। କିନ୍ତୁ କିଛି ଲୋକ ଥାଆନ୍ତି ଯେଉଁମାନେ ସ୍ୱଭାବଗତ ଭାବେ ମିଛ କହିଥାଆନ୍ତି। ସେମାନଙ୍କ ମିଛ କହିବା ଦ୍ୱାରା ଯଦିଓ ଅନ୍ୟମାନଙ୍କର ଲାଭ ବା କ୍ଷତି କିଛି ବି ହୋଇନାଥାଏ। କିନ୍ତୁ ମିଛ କହୁଥିବା ଲୋକ ଆତ୍ମସନ୍ତୋଷ ପାଇଥାଏ ତେବେ ଧରିନେବାକୁ ହେବ ସେହି ବ୍ୟକ୍ତି ଏକ ପ୍ରକାର ମାନସିକ ରୋଗରେ ପୀଡ଼ିତ। ଯଦିଓ ଏହା ସେତେ ମାରାତ୍ମକ ନୁହେଁ। ମାନସିକ ରୋଗ ବିଶେଷଜ୍ଞଙ୍କ ମତରେ ଏହା ରୋଗ ନୁହେଁ, ବରଂ ଏକ ପ୍ରକାର ମାନସିକ ସମସ୍ୟା। ମନସ୍ତାତ୍ତ୍ୱିକମାନଙ୍କ କହିବାନୁସାରେ ମାଇଥୋମାନିଆ ସେହି ଲୋକମାନେ ଭୋଗିଥାନ୍ତି ଯେଉଁମାନେ ଅତ୍ୟଧିକ କଳ୍ପନାବିଳାସୀ ହୋଇଥାନ୍ତି। ପିଲା ଦିନରୁ ଛୋଟ ଛୋଟ ପ୍ରସଙ୍ଗରେ ମିଛ କହିବାର ପ୍ରବଣତା ଧୀରେ ଧୀରେ ମାଇଥୋମାନିଆର ରୂପ ନେଇଥାଏ। କିନ୍ତୁ ମାଇଥୋମାନିଆ ଭୋଗୁଥିବା ଲୋକମାନେ ମକିଛ କହି କାହାର କ୍ଷତି କରନ୍ତି ନାହିଁ। କୋଲିନ୍ସ ଅଭିଧାନ ଅନୁସାରେ ଏହି ଶବ୍ଦଟି ୧୯୦୫ ମସିହାରେ ପ୍ରଥମେ ବ୍ୟବହୃତ ହୋଇଥିଲା। ମିଥ୍ ଓ ମାନିଆ ଦୁଇଟି ଶବ୍ଦରୁ ସୃଷ୍ଟି ହୋଇଛି ମାଇଥୋମାନିଆ। ମାଇଥୋମାନିଆ ଭୋଗୁଥିବା ଲୋକମାନେ ଅନେକ ସମୟରେ ଏତେ ସୁନ୍ଦର ମିଛ କହିଥାନ୍ତି ଯେ ଅନ୍ୟମାନେ ସେମାନଙ୍କ କଥାକୁ ଅତି ସହଜରେ ବିଶ୍ୱାସ ବି କରିଥାଆନ୍ତି। ପୁଣି ମାଇଥୋମାନିଆ ଭୋଗୁଥିବା କିଛି ଲୋକ ନିଜ ସଂପର୍କରେ ବଢ଼େଇ ହୋଇ କହିଥାନ୍ତି। ଏହି ସମସ୍ୟା ଭୋଗୁଥିବା ଅଳ୍ପ କିଛି ଲୋକଙ୍କର ଆତ୍ମଗର୍ବ ବି ଥାଏ। ଆଧୁନିକ ଯୁଗରେ ଏହି ସମସ୍ୟାର ସମାଧାନ ବେଶ ସହଜ। ଯଦି ଜଣେ ନିଜକୁ ଗଭୀର ଭାବେ ଅନୁଶୀଳନ କରିପାରିବ ତେବେ ସେ ବୁଝିପାରିବ ସେ ମାଇଥୋମାନିଆ ଭାଗୁଛି କି ନାହିଁ। ଯଦି ଜଣେ ଅନୁଭବ କରେ ସେ ଛୋଟ ଛୋଟ କଥାରେ ମାତ୍ରାଧିକ ମିଛ କହୁଛି ତେବେ ମନସ୍ତାତ୍ତ୍ୱିବିଦଙ୍କ ସାହାଯ୍ୟ ନେଇପାରିବେ। କୌଣସି ଔଷଧ ନୁହେଁ, ବରଂ କାଉନସେଲିଂ ଦ୍ୱାରା ଏହି ସମସ୍ୟାର ସମାଧାନ ହୋଇପାରିବ। ଅଭିଭାବକମାନେ ମଧ୍ୟ ଏଥିପ୍ରତି ଯତ୍ନବାନ ହେବା ଆବଶ୍ୟକ। ପିଲାମାନେ କେତେବେଳେ ମିଛ କହୁଛନ୍ତି, କାହିଁକି ମିଛ କହୁଛନ୍ତି, କେଉଁ ପରିସ୍ଥିତିରେ ପଡ଼ି ସେମାନଙ୍କ ପାଟିରୁ ମିଛ ବାହାରୁଛି ସେ ସବୁ ଭଲ ଭାବେ ବୁଝିବା ଆବଶ୍ୟକ। ଛୋଟ ପିଲା ବେଳେ ବେଳେ ଭୟରେ ମିଛ କହିଥାଆନ୍ତି। ତାହା ଅଲଗା ପ୍ରସଙ୍ଗ। କିନ୍ତୁ ପିଲାଦିନରୁ ସ୍ୱଭାବସିଦ୍ଧ ଭାବେ ମିଛ କହିବାର ଅଭ୍ୟାସ ତିଆରି ହୋଇଗଲେ ତାହା ପିଲାର ଭବିଷ୍ୟତକୁ ପ୍ରଭାବିତ କରିପାରେ। ଏ କ୍ଷେତ୍ରରେ ବାପା-ମାଆଙ୍କର ବଡ଼ କର୍ତ୍ତବ୍ୟ ରହିଛି ଏବଂ ଏ କ୍ଷେତ୍ରରେ ସଚେତନତା ମଧ୍ୟ ବଡ଼ ଗୁରୁତ୍ୱ ରଖେ। ତୁରନ୍ତ ଏହି ସମସ୍ୟା ଦେଖାଦେଲେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

# ଆକର୍ଷଣୀୟ ନୃତ୍ୟରେ ମୋହିଲେ ଶିଶୁ କିଶୋର

ଭୁବନେଶ୍ୱର (ପିଏନ୍)- ଓଡିଆ ଭାଷା,ସଂସ୍କୃତି, ପରମ୍ପରା ତଥା ଓଡ଼ିଆ ଅସ୍ମିତାର ସୁରକ୍ଷା ତଥା ପ୍ରଚାର ପ୍ରସାର ଲକ୍ଷ୍ୟରେ ସଂଭାବନା ପକ୍ଷରୁ ସତର ବର୍ଷ ଧରି ଚାଲିଥିବା ଓଡ଼ିଆ ମହୋତ୍ସବ ଓ ଏହାର ମୁଖ୍ୟ ଆକର୍ଷଣ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତାର ୩ଦିନିଆ ଉଦ୍‌ଯାପନୀ ଉତ୍ସବର ପୂର୍ବରୁ ଶିଶୁ-କିଶୋର ଓଡ଼ିଆ ସ୍ୱାଭିମାନ ପ୍ରତିଯୋଗିତା ଅ'ର୍ଗତ ଓଡ଼ିଶୀ ଓ ଲଘୁନୃତ୍ୟ ପ୍ରତିଯୋଗିତା ଏକାମ୍ର ହାଟର ମୁକ୍ତାକାଶ ମ ରେ ଅନୁଷ୍ଠିତ ହୋଇଯାଇଛି।ଓଡିଶୀ ନୃତ୍ୟ ସହ ରଚିପୂର୍ଣ୍ଣ ଓଡିଆ ସଂଗୀତର ତାଳେ ତାଳେ ଲଘୁନୃତ୍ୟ ପରିବେଷଣ କରି ଶିଶୁ ଓ କିଶୋରମାନେ ଉପସ୍ଥିତ ଦର୍ଶକବୃନ୍ଦଙ୍କୁ ମୋହିତ କରିବା ସହ ଓଡ଼ିଆ ସଂସ୍କୃତି ଓ ପରମ୍ପରା ସହ ନିଜ ନିଜର ସଂପର୍କକୁ ପ୍ରମାଣିତ କରିଥିଲେ।

ସଂଭାବନାର ସଂପାଦକ ଦେବ ପ୍ରସାଦ ପରିଜାଙ୍କର ପ୍ରାରମ୍ଭିକ ସୂଚନା ପରେ ପ୍ରଥମ ଥର ପାଇଁ ସଂଭାବନାର କିଛି ଶୁଭେଚ୍ଛୁ ସାମ୍ବାଦିକ ଅପୂର୍ବ ମହାନ୍ତି, ଅମ୍ବୁଜ କୁମାର ଦେଓ ସାମନ୍ତ,ସଂଗ୍ରାମ ଦାସ,ଅଧ୍ୟାପକ ସତ୍ୟ ସୁନ୍ଦର ସାହୁ ଓ ପିଜେ ଗ୍ରୁପର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଜେନା ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉପସ୍ଥିତ ଶିଶୁ-କିଶୋର ନୃତ୍ୟ ପ୍ରତିଭାମାନଙ୍କୁ ଉତ୍ସାହିତ କରିଥିଲେ। ବିଚାରକ ଭାବେ ଯୋଗ ଦେଇଥିଲେ, ଗୁରୁ ଦେବବ୍ରତ ଦାସ ଓ ରଶ୍ମିତା ରାଜ ନନ୍ଦିନୀ ପାଣିଗ୍ରାହୀ। ପଚାଶରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମକୁ ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି,ସଦସ୍ୟ ରାଜଶ୍ରୀ ଶତପଥି, ପ୍ରଫୁଲ୍ଲ ଦେ ପ୍ରମୁଖ ପରିଚାଳନା କରିଥିଲେ।

## ସ୍କାଉଟସ୍ ଗାଇଡସ୍ ତରଫରୁ ରାମ ନବମୀ ସେବା ଶିବିର



ଭୁବନେଶ୍ୱର (ପିଏନ୍): ରାଜ୍ୟ ସଭାପତି ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ ଏବଂ ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ପ୍ରତିବର୍ଷ ଭଳି ଏ ବର୍ଷ ମଧ ପବିତ୍ର ଶ୍ରୀରାମ ନବମୀ ଅବସରରେ ସେବା କାର୍ଯ୍ୟ ଯୋଗାଇ ଦେଇଥିଲେ। ଓଡିଶାର ବିଭିନ୍ନ ମହାବିଦ୍ୟାଳୟରୁ ମୋଟ ୭୦ ଜଣ ରୋଭରଙ୍କୁ ନେଇ ଏହି ସେବା ଶିବିର ଆୟୋଜନ କରାଯାଇଅଛି । ଖରା ଓ ଗରମ ଦାଉରୁ ଭକ୍ତମାନେ ରକ୍ଷାପାଇବା ପାଇଁ ରୋଭରମାନେ ଭକ୍ତମାନଙ୍କୁ ଦହି ପାଣି, ଥଣ୍ଡା ପାନୀୟଜଳ ବଣ୍ଟନ କରିବା ସଙ୍ଗେ ସଙ୍ଗେ ଖରା ତାତିରୁ ରକ୍ଷା ପାଇବା ପାଇଁ ଭକ୍ତମାନଙ୍କ ଉପରେ ସ୍ପ୍ରେୟର ସାହାଯ୍ୟରେ ପାଣି ସି ନ କରିଥିଲେ, ଚାଲିବା ସ୍ଥାନରେ ପାଣି ଢ଼ାଳି ରାସ୍ତାକୁ ଥଣ୍ଡା ରଖୁଥିଲେ, ଲୋକମାନଙ୍କୁ ସୁବିଧାରେ ଦର୍ଶନ କରିବା ପାଇଁ ଲାଇନ୍ ମାଧ୍ୟମରେ ଲୋକମାନଙ୍କୁ ଭିତରକୁ ପ୍ରବେଶ କରାଉଥିଲେ, ମନ୍ଦିର ପରିସରରେ ଥିବା ଦୀପସ୍ଥାନ ଏବଂ ରାସ୍ତାରେ ପଡିଥିବା ଅଳିଆ ଆବର୍ଜନାକୁ ସଫା କରୁଥିଲେ, ଅସୁସ୍ଥ ଲୋକମାନଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇଥିଲେ। ଏତଦ୍‌ବ୍ୟତୀତ ଜନଗହଳିକୁ ଏଡାଇବା ପାଇଁ ପୋଲିସ ଏବଂ ଟ୍ରାଫିକ୍‌ମାନଙ୍କୁ ସାହାଯ୍ୟ କରୁଥିଲେ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠି ରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# ଡଃ.ଶ୍ରୀଧର ସାମଲଙ୍କ କବିତା ସଙ୍କଳନ ପୁସ୍ତକ ନିଃଶବ୍ଦ ଆଳାପ ଲୋକାର୍ପିତ

କେନ୍ଦ୍ରାପଡା,(ପିଏନ)- କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡଃ.ଶ୍ରୀଧର ସାମଲଙ୍କ ଦ୍ୱାରା ରଚିତ ପୁସ୍ତକ "ନିଃଶବ୍ଦ ଆଳାପ"କୁ ଶୁକ୍ରବାର ସ୍ଥାନୀୟ ଭାରତୀ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ଉତ୍ସବରେ ଲୋକାର୍ପଣ କରାଯାଇଛି । ଏହି ଉପଲକ୍ଷେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମୋହନ ଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭୁବନେଶ୍ୱରର ବନଫୁଲ ପ୍ରକାଶନୀ ଦ୍ୱାରା ପ୍ରକାଶିତ ପୁସ୍ତକ ଲୋକାର୍ପଣ ଉତ୍ସବରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଡଃ.ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା, ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ସରୋଜ କୁମାର ମହାନ୍ତି, ସାହିତ୍ୟିକ ଡଃ.ବାସୁଦେବ ଦାସ, ପ୍ରାଧ୍ୟାପକ ତପନ କୁମାର ପତି ପ୍ରମୁଖ ଯୋଗଦେଇ କବି ଡଃ.ସାମଲଙ୍କ ରଚିତ କବିତା ସଙ୍କଳନ ପୁସ୍ତକ "ନିଃଶବ୍ଦ ଆଳାପ"କୁ ଲୋକାର୍ପିତ କରିଥିଲେ । ପୁସ୍ତକ ରଚୟିତା ଡଃ.ସାମଲ ଏକାଧାରରେ ଜଣେ କବି, ପ୍ରାବନ୍ଧିକ,ସୁବକ୍ତା ଓ ପ୍ରକୃତିପ୍ରିୟ ମଣିଷ । ବିଶ୍ୱ ବିଖ୍ୟାତ ପର୍ଯ୍ୟଟନକ୍ଷେତ୍ର ଭିତରକନିକା ଉପରେ ନିବନ୍ଧ ରଚନା କରିବା ସହ ଆକାଶବାଣୀ,କଟକ କେନ୍ଦ୍ରରେ ସୁବକ୍ତା ଭାବରେ ତାଙ୍କର ଉପଲବ୍ଧି ସବୁଠି ରହିଛି । ତାଙ୍କର ଅନେକ ନିବନ୍ଧ ଜାତୀୟ ଓ ଅନ୍ତର୍ଯ୍ୟାତୀୟ ପତ୍ରପତ୍ରିକାରେ ପ୍ରକାଶ ପାଇ ବିପୁଳ ପାଉଠକୀୟତା ଅର୍ଜନ କରିଛି । ଡଃ.ସାମଲ ଅଧୁନା କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଭୁଗୋଳ ବିଭାଗର ପ୍ରାଧ୍ୟାପକ ତଥା ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟରତ ଓ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟ(ଇଗ୍ନୋ), ନୂଆଦିଲ୍ଲୀର ସଂଯୋଜକ ଏବଂ ଓଡିଶା ସରକାରଙ୍କ ବାଳିକା ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଅଛନ୍ତି । ତାଙ୍କର ଏହି ଭିନ୍ନ ସ୍ୱାଦର କବିତା ସଙ୍କଳନଟି ପାଠକ ମହଲରେ ବିଶେଷ ଆଦୃତ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା, ମାର୍ଶାଘାଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ଅମୀୟ ଜେନା, ପ୍ରାଧ୍ୟାପକ ଜତୀନ୍ଦ୍ର କୁମାର ରାଉତ, ତ୍ରିଲୋଚନ ପ୍ରଧାନ, କବି ପ୍ରେମାନନ୍ଦ ଖଣ୍ଡୁଆଳ, ବୃନ୍ଦାବନ ଦାସ, ନଳିନୀ ବେହେରା, କ୍ରୀଡା ଶିକ୍ଷକ ଜ୍ୟୋତିର୍ମୟ ଦାସ ପ୍ରମୁଖ ବହୁ ସାହିତ୍ୟପ୍ରେମୀ ଓ ବିଶିଷ୍ଟବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଊର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

# ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧ୍ୟାପକ ଓ ଅଧ୍ୟାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଲୁ କରିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧ୍ୟାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧ୍ୟାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧ୍ୟକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧ୍ୟାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧ୍ୟକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧ୍ୟାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ । ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ ।


2024-2025



ADMISSION OPEN
Maharishi Public School, Baripada
STD-NURSERY TO VIII
ENROLL YOUR CHILD TODAY
Special disccount for new admission before 15.03.2024
Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.
25% reservition as per RTE Act (2009)
MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Tuesday July 09, 2024 ଭୁବନେଶ୍ୱର ମଙ୍ଗଳବାର, ଜୁଲାଇ ୦୯,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

# ବିଶାଖାପାଟଣା ଠାରେ ମହାସମାରୋହରେ ରଥଯାତ୍ରା ଆୟୋଜନ



ବିଶାଖାପାଟଣା ,(ପି.ଏନ): ବିଶାଖାପାଟଣାର ଦଶପଲ୍ଲୀ ପାହାଡ଼ିରେ ଅବସ୍ଥିତ ଜଗନ୍ନାଥ ମନ୍ଦିରରେ ପବିତ୍ର ରଥଯାତ୍ରା ପର୍ବ ମହାସମାରୋହରେ ପାଳନ କରାଯାଇଛି। ମନ୍ଦିର ପରିଚାଳନା କମିଟି ଉତ୍କଳ ସାଂସ୍କୃତିକ ସମାଜ ଦ୍ୱାରା ଆୟୋଜିତ ଏହି ଭବ୍ୟ ମହୋତ୍ସବକୁ କେନ୍ଦ୍ର କରି ଭକ୍ତ ମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଉଲ୍ଲାସ,ଉତ୍ସାହ ଓ ଉଦ୍ଦୀପନା ପରିଲକ୍ଷିତ କରାଯାଇଥିଲା। ଏଠାରେ ସଖାଳୁ ମୁଖ୍ୟ ମନ୍ଦିରରେ ଠାକୁରମାନଙ୍କର ଯଥା ରୀତି ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୩.୩୦ବେଳେ ଚାରିଠାକୁରଙ୍କର ପହଣ୍ଡି ବିଜେ କରାଯାଇଥିଲା।ପ୍ରଥମେ ସୁଦର୍ଶନ, ତାପରେ ବଡ଼ଭାଇ ବଳଭଦ୍ର, ପରେ ପରେ ଦେବୀ ସୁଭଦ୍ରା ଓ ଶେଷରେ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କୁ ସାହି ରୋଷଣୀ କରାଯାଇ ମନ୍ଦିର ସମ୍ମୁଖସ୍ଥ ବଡ଼ଦାଣ୍ଡରେ ଦଣ୍ଡାୟମାନ ସୁନ୍ଦର ଓ ସୁସଜିତ ରଥ ଉପରକୁ ନିଆ ଯାଇଥିଲା। ଉପସ୍ଥିତ ସେବାୟତ ଓ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ଶଙ୍ଖ, ଘଣ୍ଟ, କର୍ତାଳ, ମରଦଳ,ଝାଞ୍ଜ ଓ ମୃଦଙ୍ଗ ବାଜଣାର ଗହ ଗହ ନାଦ ତଥା ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନୀରେ ଗଗନ ପବନ ପ୍ରକମ୍ପିତ ହେବାର ଦୃଶ୍ୟ ଖୁବ ମର୍ମସ୍ପର୍ଶୀ ଥିଲା।ମନ୍ଦିର ପରିଚାଳନା କମିଟିର ସଭାପତି ତଥା ବିଶିଷ୍ଟ ସମାଜସେବୀ ଜୀତେନ୍ଦ୍ର କୁମାର ନାୟକ ପାରମ୍ପରିକ ଛେରା ପହଁରା ନୀତି ସମ୍ପନ୍ନ କରିଥିଲେ। ସନ୍ଧ୍ୟା ୫ ଟା ସମୟରେ ରଥ ଟଣା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଠାରେ ଓଡ଼ିଆ ଓ ଅଣଓଡ଼ିଆ ପ୍ରାୟ ୪ହଜାର ଦର୍ଶକ ଙ୍କର ସମାଗମ ହୋଇଥିଲା। ଭକ୍ତ ମାନେ ରଥଟିକୁ ଟାଣି ଟାଣି ୫କିଲୋମିଟର ଦୂରବର୍ତ୍ତୀ ଲସନସ ବେ ଠାରେ ଥିବା ମାଉସୀ ମା ମନ୍ଦିର କୁ ନେଇଥିଲେ।ରାସ୍ତା ର ଦୁଇ ପାର୍ଶ୍ୱରେ ମହଜୁଦ ଥିବା ଭକ୍ତମାନେ ଚତୁର୍ଦ୍ଧା ମୂର୍ତ୍ତି ଙ୍କର ଦିବ୍ୟ ଦର୍ଶନ ଲାଭ କରି କୃତ୍ୟ କୃତ୍ୟ ମନେ କରୁଥିବା ଏବଂ ଭକ୍ତି ଭାବରେ ଅଭିଭୂତ ହେଉଥିବାର ଦୃଶ୍ୟ ବେଶ ହୃଦୟସ୍ପର୍ଶୀ ଥିଲା।ସନ୍ଧ୍ୟା ୭ଟା ସୁଦ୍ଧା ଜୀଉ ମାନଙ୍କୁ ରଥରୁ ପୁଣି ପହଣ୍ଡି କରାଯାଇ ଗୁଣ୍ଡିଚା ମନ୍ଦିର ସ୍ଥିତ ସିଂହାସନରେ ବିରାଜମାନ କରାଯାଇଥିଲା। ଆସନ୍ତା ୧୫ ତାରିଖ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ଠାକୁରମାନେ ଗୁଣ୍ଡିଚା ମନ୍ଦିରରେ ଭକ୍ତମାନଙ୍କୁ ଦର୍ଶନ ଦେବେ ବୋଲି ଜଣାଯାଇଛି। ଚଳିତ ବର୍ଷ ଘୋଷଯାତ୍ରା ଆୟୋଜନ ରେ ସ୍ଥାନୀୟ ମାରୱାଡ଼ି ଯୁବମଞ୍ଚ ଓ ପଞ୍ଜାବ ସଂଘ ସକ୍ରୀୟ ସହଯୋଗ କରିଥିଲେ। ସମଗ୍ର ଆୟୋଜନକୁ ସୁଚାରୁ ରୁପେ ସମ୍ପାଦନା କରିବାରେ ମନ୍ଦିର ପରିଚାଳନା କମିଟିର ସଭାପତି ଜୀତେନ୍ଦ୍ର କୁମାର ନାୟକ, ସାଧାରଣ ସମ୍ପାଦକ ବିମଳ କୁମାର ମହନ୍ତ, ଉପ-ସଭାପତି ଡ଼ଃ କରୁଣାକର ପାଢ଼ୀ ତଥା ସଦସ୍ୟ ବିଜୟ ମହାପାତ୍ର, ରାଜେନ୍ଦ୍ର ପ୍ରସାଦ ସାହୁ, ବନମାଳୀ ସାହୁ ଓ ଅରୁଣ ଦାସ ପ୍ରମୁଖ ମୁଖ୍ୟଭୂମିକା ଗ୍ରହଣ କରିଥିଲେ।

## ଯାଜପୁର ସହରରେ ରଥଯାତ୍ରା ଅନୁଷ୍ଠିତ

ଯାଜପୁର,(ପି.ଏନ):ଯାଜପୁର ପୌରପାଳିକା ଅନ୍ତର୍ଗତ ଶ୍ରୀଜଗନ୍ନାଥ ଦାଣ୍ଡରୁ ରଥାରୁଢ଼ ଚତୁର୍ଦ୍ଧାମୁରତିଙ୍କୁ ଏକ ଦିବ୍ୟ ମୁହୁ ର୍ତ୍ତରେ ଅଗଣିତ ଭକ୍ତ ଭାବଭକ୍ତିମୟ ପରିବେଶରେ ତିନି ରଥକୁ ସିଂହଦ୍ୱାରରୁ ମାଉସି ମାଆ ମନ୍ଦିରକୁ ଟାଣି ନେଇଥିଲେ। ବଡ଼ ଠାକୁର ବଳଭଦ୍ରଙ୍କ ରଥକୁ ରାଧେ କୃଷ୍ଣ ମନ୍ଦିରର ଭକ୍ତମାନେ ସଂକୀ ର୍ତ୍ତନ କରି ନେଉଥିବା ବେଳେ ମା'ସୁଭଦ୍ରାଙ୍କ ରଥକୁ ମାଆ ମାନେ ଟାଣିକରି ନେଉଥିଲେ। ସୁଭଦ୍ରାଙ୍କ ରଥ ସମ୍ମୁଖରେ ଅନ୍ୱେଷଣ ଥିଏଟର ଗ୍ରୁପର କଳାକାରମାନେ ଗୋଟିପୁଅ ନୃତ୍ୟ ପରିବେଶଣ କରୁଥିଲେ। ଜଗତରନାଥ କାଳିଆ ସାହାନ୍ତଙ୍କ ରଥକୁ ବୈଦ୍ୟରାଜପୁର ଘଣ୍ଟବାଦ୍ୟ ଶଙ୍ଖ ହୁଳହୁଳି ପକାଇ ନେଉଥିବାର ଦେଖାଯାଇଥିଲା। ଆଜିର ମୁହୁ ର୍ତ୍ତ ଏକ ଭିନ୍ନ ଥିଲା ଯାହାକି ଭକ୍ତ ଭଗବାନଙ୍କ ସାନିଦ୍ଧ୍ୟଲାଭକରି କୃତାର୍ଥ ହେଉଥିଲେ। ଗୀତାଜାଗରଣ ପରିଷଦ ଆନୁକୁଲ୍ୟରେ ଧାରାବିବରଣୀ କାର୍ଯ୍ୟକ୍ରମରେ ପଣ୍ଡିତ ବିନୋଦବିହାରୀ ନାୟକ, ପୂର୍ଣ୍ଣ ଚନ୍ଦ୍ର ସାମଲ ଉପସ୍ଥିତଥିଲେ। ସଭାପତି ପ୍ରତିମା କର, ଉପ-ସଭାପତି କ୍ଷୀରୋଦ କୁମାର ପାଠୀ, ସମ୍ପାଦକ ଭାସ୍କର ଚନ୍ଦ୍ର ମହାନ୍ତି, ସାଂସ୍କୃତିକ ସମ୍ପାଦକ ଗୁଣମଣି ପାଣିଗ୍ରାହୀ, ସହସମ୍ପାଦକ ବୃନ୍ଦାବନ ମିଶ୍ର, କାଞ୍ଚନବାଳା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦ୍ୱିତୀୟ ଦିନରେ କେନ୍ଦ୍ରାପଡାର ଶ୍ରୀବଳଦେବଜୀଉଙ୍କ ରଥଯାତ୍ରା



କେନ୍ଦ୍ରାପଡ଼ା, (ପି.ଏନ):ଆଜି କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ରଥଯାତ୍ରାର ଦ୍ୱିତୀୟ ଦିନରେ ଅପରାହ୍ନ ୩ଟାରେ ରଥ ଟଣାଯାଇ ପ୍ରାୟ ଏକଶହ ମିଟର ଯିବା ପରେ ଦେବୋ□ର କାର୍ଯ୍ୟାଳୟ ନିକଟରେ ପହଁ*ବା ପରେ ରଥ ବାମପଟକୁ ମାଡିଯାଇଥିଲା। ରଥକୁ ଡାହାଣ ପାର୍ଶ୍ୱକୁ ମୋଡଦେବାକୁ ରେଳବାଇରୁ ଜଗ୍ ଅଣାଯାଇ ରଥକୁ ଡାହାଣ ପାର୍ଶ୍ୱକୁ ମୋଡ ଦେବାପରେ ପୁନର୍ବାର ରଥ ଟଣା ଯାଇ ମାତ୍ର ୨୫ମିଟର ଯିବା ପରେ ସାଢେ ୬ଟାରେ ସୂର୍ଯ୍ୟାସ୍ତ ହୋଇଯିବାରୁ ରଥ ଟଣା ଆଜି ପାଇଁ ବନ୍ଦ ରହିଥିଲା। ରବିବାର ଶ୍ରୀଗୁଣ୍ଡିଚାରେ ଶ୍ରୀଜୀଉମାନେ ପହଣ୍ଡି ହୋଇ ବ୍ରହ୍ମତାଳଧ୍ୱଜ ରଥରେ ଆସିନ ହୋଇଥିଲେବି ସୂର୍ଯ୍ୟାସ୍ତ ହୋଇଯିବାରୁ ରଥ ଆଉ ଟଣା ଯାଇପାରିନଥିଲା। ଜିଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶ, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଉପଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳଙ୍କ ସମେତ ଶ୍ରୀବଳଦେବଜୀଉ ଦେବୋ□ର ଟ୍ରଷ୍ଟବୋର୍ଡର ଅଧ୍ୟକ୍ଷ ତଥା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ଏବଂ ମ୍ୟାଜିଷ୍ଟ୍ରେଟ ଦାୟୀତ୍ୱରେ ଥିବା ଅନ୍ୟ ପ୍ରଶାସନିକ ଅଧିକାରୀମାନେ ।ଜି ରଥଦାଣ୍ଡରେ ଉପସ୍ଥିତ ଥିଲେ। ଗତକାଲି ରଥ ଟାଣିବା ପାଇଁ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ରଥ ଦାଣ୍ଡରେ ଉପସ୍ଥିତ ଥିଲେବି ସୂର୍ଯ୍ୟାସ୍ତ ହୋଇଯିବାରୁ ରଥ ଟାଣି ପାରିନଥିଲେ। ଆଜି ଦ୍ୱିତୀୟ ଦିନରେ କେନ୍ଦ୍ରାପଡା ବିଧାୟକ ଶ୍ରୀ ବେହେରାଙ୍କ ସମେତ ବହୁ ସରକାରୀ ଅଧିକାରୀ ଓ ଜନସାଧାରଣ ରଥ ଟାଣିଥିଲେ।




# ସୂଚନା ତଥ୍ୟରୁ ଫିଟିଲା ଗୁମର: ରୋଗୀଙ୍କଠାରୁ ଲାଞ୍ଚ ନେଉଥିବା ଡାକ୍ତରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବ କେବେ

ମାହାଙ୍ଗା,(ପି.ଏ): ମାହାଙ୍ଗା ବ୍ଲକର ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର-୨ର ଡାକ୍ତର ରୋଗୀଙ୍କଠାରୁ ଲାଞ୍ଚ ନେଉଥିବା ଘଟଣାକୁ ନେଇ ଅଭିଯୋଗ ପରେ ବି ହେଉନି କାର୍ଯ୍ୟାନୁଷ୍ଠାନ। ଯାହାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଏଠାରେ ସୂଚନାଯୋଗ୍ୟ ଯେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାହାଙ୍ଗା କାର୍ଯ୍ୟାଳୟ ସୂଚନା ତଥ୍ୟ ନମ୍ବର ୯୨୭, ତା. ୬.୭.୨୦୨୪ ରିଖରେ ପ୍ରଦାନ ସୂଚନା ତଥ୍ୟରୁ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର-୨ର କାର୍ଯ୍ୟରତ ଡାକ୍ତର ପ୍ରଦୀପ୍ତ କିଶୋର ଜେନାଙ୍କ ବିରୁଦ୍ଧରେ ତା.୧୪.୦୩. ୨୦୨୪ ରିଖରେ ଡାକ୍ତରଖାନା ଭିତରେ ରୋଗୀଙ୍କଠାରୁ ଲାଞ୍ଚ ନେଉଥିବା ଅଭିଯୋଗ ହୋଇଥିଲା। ପରେ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଚାରି ମାସ ବିତିଯାଇଥିଲେ ମଧ୍ୟ ସଂପୃକ୍ତ ଡାକ୍ତରଙ୍କ ବିରୁଦ୍ଧରେ ସ୍ୱାସ୍ଥ୍ୟ ବିଭାଗ ଏପରିକି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ। ଏହା ପଛର ରହସ୍ୟ କ'ଣ ତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନା ତଥ୍ୟରୁ ଜଣାପଡିଛି ଡାକ୍ତର ପ୍ରଦୀପ୍ତ କିଶୋର ଜେନା କାର୍ଯ୍ୟରତ ସମୟରେ ରୋଗୀଙ୍କଠାରୁ ଅର୍ଥ ନେଉଥିଲେ। ଅଭିଯୋଗ ପରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକ୍ଷକ ରଶ୍ମି ବେହେରାଙ୍କୁ ଚିଠି ନଂ ୯୪୬, ତା.୧୬.୦୩.୨୦୨୪ ରିଖ ଏବଂ ଡି.ଓ. ଚିଠି ନଂ ୫୨୫, ତା.୧୯.୦୩.୨୦୨୪ ରିଖରେ ଡାକ୍ତର ଲୋକନାଥ ପାତ୍ର ,ଏ.ଡି.ପି.ଏଚ୍.ଓ. (ଡିସି) କଟକଙ୍କ ଅଫିସ ଅର୍ଡର ନମ୍ବର ୪୩୬୨, ତା.୨୦.୦୩.୨୦୨୪ ରିଖରେ ନିର୍ଦ୍ଦେଶ ଦେଇଥିଲେ। ତା.୨୨.୦୩.୨୦୨୪ ରିଖରେ ଏହି ଘଟଣାର ତଦନ୍ତ କରାଯାଇ ସି.ସି.ଟି.ଭି. ଫୁଟେଜ ଏବଂ ଅନ୍ୟ କର୍ମଚାରୀଙ୍କଠାରୁ ଘଟଣାର ସତ୍ୟାସତ୍ୟ ଜାଣିବା ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାହାଙ୍ଗାର ଅଧିକ୍ଷକ ଚିଠି ନଂ.୪୫୬୯, ତା. ୨୭.୦୩.୨୦୨୪ ରିଖରେ ରିପୋର୍ଟ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପ୍ରଦାନ କରିଥିଲେ। ଡାକ୍ତରଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗ ପ୍ରମାଣିତ ହେବା ପରେ ଉକ୍ତ ଡାକ୍ତର ଜଣଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ସେ ବ ର୍ତ୍ତମାନ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର-୨ରେ କାର୍ଯ୍ୟରତ ଅଛନ୍ତି। ଅଭିଯୋଗ ହେଉଛି ଯେ ଡାକ୍ତର ଚିକିତ୍ସା କରୁଥିବା କୋଠରୀର ସିସିଟିଭିକୁ ବନ୍ଦ୍ କରିଦିଆଯାଇଛି। ଡାକ୍ତରଖାନାର ଅନ୍ୟ ସମସ୍ତ ସି.ସି.ଟିଭି ଚାଲୁ ରହିଥିଲା ବେଳେ ଡାକ୍ତର ରୁମ୍ର ସିସିଟିଭି ବନ୍ଦ୍ କରିଦିଆଯିବା ଭିତିରି ରହସ୍ୟ କ'ଣ ? ତୁରନ୍ତ ସଂପୃକ୍ତ ଡାକ୍ତରଙ୍କୁ ବଦଳି କରାଯିବା ସହ ତାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ସାଧାରଣରେ ଦାବି ହେଉଛି।

# ନୋଏଡା ଜଗନାଥ ମନ୍ଦିରରେ ରଥଯାତ୍ରା ଆୟୋଜନ



ନୂଆଦିଲ୍ଲୀ,(ପି.ଏନ): ନୋଏଡାର ସେକ୍ଟର ୧୨୧ସ୍ଥିତ ଗଢିଚୌଖଣ୍ଡି ଜଗନ୍ନାଥ ମନ୍ଦିର ଠାରେ ରଥଯାତ୍ରା ଉତ୍ସବ ବିପୁଳ ଆନନ୍ଦ, ଉଲ୍ଲାସ,ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରାଯାଇଛି। ଏହି ପବିତ୍ର ପାର୍ବଣ ଧାର୍ମିକ ସମାରୋହରେ ଓଡ଼ିଆ ଓ ଅଣଓଡ଼ିଆ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କର ସମାଗମ ହୋଇଥିବାର ଦେଖା ଯାଇଥିଲା। ଏଠାକାର ମନ୍ଦିରରେ ବଡ଼ି ଭୋର ୫ଟା ବେଳେ ଦିଅଁମାନଙ୍କ ସମ୍ମୁଖରେ ମଙ୍ଗଳ ଆଳତି କରାଯାଇଥିଲା।ଦିନ ୧୧ଟା ବେଳେ ରଥ ସ୍ଥାପନ ଏବଂ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା ନୀତି ଅନୁଷ୍ଠିତ ହୋଇଥିଲା।ଦ୍ୱିପ୍ରହର ୧୨.୩୦ ମିନିଟ ସମୟରେ ଠାକୁର ମାନଙ୍କୁ ଛପନ ଭୋଗ ଅର୍ପଣ କରାଯାଇଥିଲା। ଉପସ୍ଥିତ ସମସ୍ତ ଭକ୍ତମାନଙ୍କୁ ମହାପ୍ରସାଦ ବଣ୍ଟନ କରାଯାଇଥିଲା। ମନ୍ଦିର ପରିଚାଳନା କମିଟିର ସାଧାରଣ ସମ୍ପାଦକ ତଥା ବିଶିଷ୍ଟ ଚାର୍ଟଡ଼ ଏକାଉଟାଣ୍ଟ ଓ ସମାଜସେବୀ ଡ଼ଃ ମନୋରଞ୍ଜନ ମହାନ୍ତିଙ୍କର ନେତୃତ୍ୱରେ ସ୍ୱେଚ୍ଛାସେବୀ ଏବଂ ସଂଗଠକ ମାନଙ୍କଦ୍ୱାରା ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା।ଦ୍ୱିପ୍ରହର ୨.୩୦ମିନିଟ ବେଳେ ଚାରିଠାକୁରଙ୍କର ସୁନ୍ଦର ଓ ସୁଶୋଭିତ ରଥ ଉପରେ ପହଣ୍ଡି ବିଜେ ଆରମ୍ଭ ହୋଇଥିଲା। ଏଠାରେ ବିଶିଷ୍ଟ ଅତିଥି ଦୀପକ ସିଂହଲ ଛେରା ପହଁରା ନୀତି ସମ୍ପନ୍ନ କରିଥିଲେ।ଅନ୍ୟାନ୍ୟ ମାନ୍ୟଗଣ୍ୟ ଅତିଥିମାନଙ୍କ ମଧ୍ୟରେ ହିନ୍ଦୁ ମହାସଭାର ଅଧ୍ୟକ୍ଷ ସ୍ୱାମୀ ଚକ୍ର ପାଣି ମହାରାଜ,ଉତ୍ତର ପ୍ରଦେଶର ପ୍ରଭାରୀ କୁମାର ବ୍ରିଜେଶ, ପୋଲିସ କମିଶନର ଲକ୍ଷ୍ମୀ ସିଂହ, ଜିଲ୍ଲା ନ୍ୟାୟଧିଶ ମନୀଷ କୁମାର ବର୍ମା, ଦାଦ୍ରୀ ବିଧାୟକ ତେଜପାଲ ନାଗର, ରାଜ୍ୟସଭା ସାଂସଦ ସୁରେନ୍ଦ୍ର ନାଗର, ଉତ୍ତରପ୍ରଦେଶ କୃଷି ଅନୁସନ୍ଧାନ ପରିଷଦର ଅଧ୍ୟକ୍ଷ କ୍ୟାପ୍ଟନ ବିକାଶ ଗୁପ୍ତା, ଉତ୍ତର ପ୍ରଦେଶର ପୂର୍ବତନ ମନ୍ତ୍ରୀ ନବାବ ସିଂହ ନାଗର ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ। ଅପରାହ୍ନ ୩.୩୦ ମିନିଟ ସମୟରେ ରଥଟଣା ପ୍ରକ୍ରିୟା ଶୁଭାରମ୍ଭ ହୋଇଥିଲା।ଚତୁର୍ଦ୍ଧା ମୂର୍ତ୍ତି ଶୋଭା ପାଉଥିବା ରଥଟିକୁ ୩ କିଲୋମିଟର ଦୂରରେ ଅବସ୍ଥିତ ବାଲକନାଥ ମନ୍ଦିର ଅନ୍ତର୍ଗତ ମାଉସୀ ମା' ପୀଠକୁ ନିଆଯାଇଥିଲା। ରାଜରାସ୍ତାରେ ଭକ୍ତମାନଙ୍କର ଭଜନ, କୀର୍ତ୍ତନ, ହରିବୋଲ, ଜୟ ଜଗନ୍ନାଥ ଓ ହୁଳହୁଳି ଧ୍ୱନୀ ମଧ୍ୟରେ ରଥ ଗମନର ଦୃଶ୍ୟ ଅଭୂତପୂର୍ବ ଥିଲା। ମାଉସୀ ମା ମନ୍ଦିର ଠାରେ ପୁଣି ଦିଅଁମାନଙ୍କୁ ସାହି ରୋଷଣୀ କରାଯାଇ ରଥ ଉପରୁ ନିଆଯାଇ ସେଠାରେ ସ୍ୱତନ୍ତ୍ର ସିଂହାସନରେ ଆସୀନ କରାଯାଇଥିଲା।ଆସନ୍ତା ୧୫ ତାରିଖରେ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ଏଠାରେ ଦିଅଁ ମାନେ ବିରାଜମାନ କରିବେ ବୋଲି ମନ୍ଦିର ସୂତ୍ରରୁ ଜଣାଯାଇଛି।ରଥଯାତ୍ରା ସୁଚାରୁ ରୂପେ ଆୟୋଜନ ଏବଂ ସଫଳତାର ସହିତ ସମାପନ କରିବାରେ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା ଓ ସଦସ୍ୟଗଣ ଯଥା ସଭାପତି ବିଶ୍ୱନାଥ ତ୍ରିପାଠୀ , ଦୁଇ ଉପସଭାପତି ପ୍ରମୋଦ ବଳ ଓ ନିଗମାନନ୍ଦ ମହାନ୍ତି , ସାଧାରଣ ସମ୍ପାଦକ ଡ଼ଃ ମନୋରଞ୍ଜନ ମହାନ୍ତି ଓ ଯୁଗ୍ମ-ସମ୍ପାଦକ ଧନେଶ୍ୱର ନାୟକ, କାର୍ଯ୍ୟକାରୀ କମିଟିର ସଦସ୍ୟବୃନ୍ଦ ଯଥା ସୁବଳ ବେହେରା,ଦିଲ୍ଲୀପ ସ୍ୱାଇଁ,ଦେବୁ ମିଶ୍ର,ଅକ୍ଷୟ ସ୍ୱାଇଁ,ପ୍ରଶାନ୍ତ ଖିଲାର, ଅଭିମନ୍ୟୁ ପରିଡ଼ା,ରମେଶ ନାୟକ, ପ୍ରକାଶ ରାୟ, ଏ.ଆର. ପରିଜା, ଭରତ ପ୍ରଧାନ, କିଶୋର ପରିଡ଼ା ଓ ଡ଼ଃ ବିମ୍ବାଧର ରଥ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray